## ସୁନା ବ୍ୟବସାୟୀଙ୍କ ଆକସ୍ମିକ ମୃତ୍ୟୁ

ବାସୁଦେବପୁର,(ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ମୁଖ୍ୟ ବଜାରର ସୁନା ବ୍ୟବସାୟୀ ମହେଶ୍ୱର ସାହୁ (୫୫)ଙ୍କ ଶନିବାର ସନ୍ଧ୍ୟାରେ ଆକସ୍ମିକ ମୃତ୍ୟୁ ଘଟିଛି। ପରିବାର ଲୋକଙ୍କ କହିବା ଅନୁଯାୟୀ, ସନ୍ଧ୍ୟାରେ ମହେଶ୍ୱର ଦୋକାନ ବନ୍ଦ କରି ଘରକୁ ଫେରିଥିଲେ। ଘରେ ବସିଥିବା ବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ବାସୁଦେବପୁର ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଏମ୍‌ପିଙ୍କ ପ୍ରତିନିଧି ସୁରେଶ ମହାନ୍ତି, ବିଧାୟକ ପ୍ରତିନିଧି ଅସିତ୍ ଦାସ ପ୍ରମୁଖ ଡାକ୍ତରଖାନାରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

## ସଂକ୍ଷେପରେ

### ସବିତା ହେଲେ ମାଧପୁର ସମିତିସଭ୍ୟା

ଚାନ୍ଦବାଲି, ୫।୧୧(ଡି.ଏନ୍.ଏ.)- ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ମାଧପୁର ପଞ୍ଚାୟତ ସମିତିସଭ୍ୟ ଉପନିର୍ବାଚନ ଶୁକ୍ରବାର ଅନୁଷ୍ଠିତ ହୋଇଥିବା ବେଳେ ଶନିବାର ଗଣତି ଶେଷ ହୋଇଛି। ଭାଜପା ସମର୍ଥିତ ପ୍ରାର୍ଥିନୀ ସବିତା ବିଶ୍ୱାଳ ୧ ଶହ ଭୋଟ୍ ବ୍ୟବଧାନରେ ସମିତିସଭ୍ୟା ଭାବେ ବିଜୟୀ ହୋଇଛନ୍ତି।



ସବିତା ୧୪୬୨ ଖଣ୍ଡ ଭୋଟ ପାଇଥିବା ବେଳେ ବିଜେଡି ସମର୍ଥିତ ପ୍ରାର୍ଥିନୀ ବର୍ଷାରାଣୀ ମହାକୁଡଙ୍କୁ ୧୩୬୨ ଖଣ୍ଡ ଭୋଟ ମିଳିଥିଲା। କଂଗ୍ରେସ ସମର୍ଥିତ ପ୍ରାର୍ଥିନୀ ସୁଭଦ୍ରା ଦାସ ୯୦ ଓ ସ୍ୱାଧୀନ ପ୍ରାର୍ଥିନୀ ଆଶା ସାହୁ ୨୩ ଖଣ୍ଡ ଭୋଟ ପାଇଛନ୍ତି। ସୂଚନାଯୋଗ୍ୟ, ଏଠାରେ ପୂର୍ବରୁ ବିଜେଡି ସମର୍ଥିତ ବିଜୟୀ ହୋଇଥିଲେ। ତାଙ୍କର ଅଙ୍ଗନୱାଡି କର୍ମୀ ଚାକିରି ହେବାରୁ ସେ ସମିତିସଭ୍ୟା ପଦରୁ ଇସ୍ତଫା ଦେଇଥିଲେ। ୪ ତାରିଖ ସକାଳ ୭ଟାରୁ ଦିନ ୧ଟା ପର୍ଯ୍ୟନ୍ତ ପଞ୍ଚାୟତର ୧୧ ବୁଥ୍‌ରେ ଶାନ୍ତିପୂର୍ଣ୍ଣ ଭାବେ ମତଦାନ ଶେଷ ହୋଇଥିଲା। ନିର୍ବାଚନ ଫଳ ପ୍ରକାଶ ପାଇବା ପରେ କେତେକ ସ୍ଥାନରେ ଉତ୍ତେଜନା ଦେଖାଦେଇଛି। ଦୁଇ ଗୋଷ୍ଠୀର କର୍ମୀ ମୁହାଁମୁହିଁ ହୋଇଥିବା ଜଣାପଡ଼ିଛି। ଖବରପାଇ ମତୋ ଫାଣ୍ଡି ଅଧିକାରୀ ବୁଧିରାମ ମହାନ୍ତି ଓ ଚାନ୍ଦବାଲି ଥାନାଧିକାରୀ କରୁଣାକର ରାଉତ ଘଟଣାସ୍ଥଳରେ ପହଞ୍ଚି ପୋଲିସ ମୁତୟନ କରିବା ସହ ତୀକ୍ଷ୍ଣ ନଜର ରଖିଛନ୍ତି।

### ମଦ କାରବାର କରି ଧରାପଡ଼ିଲେ ଶିକ୍ଷକ

ମୋରଡା, ୫।୧୧(ଡି.ଏନ.ଏ.)-ଅନେକ ସମୟରେ ଶିକ୍ଷକମାନଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରଙ୍କୁ ନେଇ ନିଶା ବିରୋଧୀ ଶୋଭାଯାତ୍ରା କରାଯାଇ ସଚେତନତା କରାଯାଉଛି। ହେଲେ ବିଦେଶୀ ମଦ କାରବାରରେ ଲିପ୍ତ ଜଣେ ଶିକ୍ଷକ ପୋଲିସ ହାତରେ ଧରାପଡିବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ଏଭଳି ଘଟଣା ସାମ୍ନାକୁ ଆସିଛି ମୟୂରଭଞ୍ଜ ଜିଲା ମୋରଡା ଥାନା ଅଞ୍ଚଳରେ ।ମୋରଡ଼ା ପଞ୍ଚାୟତ ପଟାକୁଣ୍ଡିଆ ଗ୍ରାମର ବସନ୍ତ ବେହେରା ବଡସାହି ବ୍ଲକର ଏକ ସ୍କୁଲରେ ନିୟମିତ ଶିକ୍ଷକ ଭାବେ କାମ କରନ୍ତି। ସେ ସ୍କୁଲରୁ ଫେରିବା ବାଟରେ ମଦ କାଉଣ୍ଟରରୁ ବିଦେଶୀ ମଦ ଆଣି ମୋରଡା ଥାନା ଅଞ୍ଚଳରେ ବିକ୍ରି କରୁଥିବା ବେଳେ ପୋଲିସ ହାତରେ ଧରାପଡିଥିଲେ। ପୋଲିସ ଏନେଇ ଏକ ମାମଲା(ନଂ.୩୦୨/୨୨) ରୁଜୁ କରି ପଚରାଉଚୁରା କରିବା ପରେ ଜାମିନରେ ଛାଡି ଦେଇଥିବା ଜଣାପଡିଛି।

### ଦୋକାନ ଘରେ ଅଗ୍ନିକାଣ୍ଡ, ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜଳିଗଲା



ନୀଳଗିରି, ୫।୧୧(ସ୍ୱ.ପ୍ର.)-ବାଲେଶ୍ୱର ଜିଲା ନୀଳଗିରି ଥାନା ଅଧୀନ ଅଯୋଧା ଅଞ୍ଚଳରେ ଦୋକାନ ଗୃହରେ ଅଗ୍ନିକାଣ୍ଡ ଘଟି ଜଳିଗଲା ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜଳିଯାଇଛି। ଏହି ଅଞ୍ଚଳରେ ଥିବା ସନ୍ତୋଷ ଦାସଙ୍କ ଶାନ୍ତିଲତା ଭେରାଇଟି ଷ୍ଟୋରରେ ଗତ ଶୁକ୍ରବାର ମଧରାତିରେ ନିଆଁ ଲାଗିଯାଇଥିଲା। ଫଳରେ ସଉଦା ଓ ଭେରାଇଟି ସାମଗ୍ରୀ ଜଳିପୋଡ଼ି ପାଉଁଶ ହୋଇଯାଇଛି। ନୀଳଗିରି ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କଲା ବେଳକୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଥିଲା। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ିନି।

### ଶବ ସତ୍କାର ବେଳେ ଘରୁ ଚୋରି

ସିମୁଳିଆ,୫।୧୧(ଡି.ଏନ.ଏ.)-ପରିବାରର ଲୋକମାନେ ଶବ ସତ୍କାର ପାଇଁ ଯାଇଥିବା ବେଳେ ଚୋରମାନେ ତାଲା ଭାଙ୍ଗି ଘରେ କଳାକନା ବୁଲାଇଛନ୍ତି। ଘଟଣା ଘଟିଛି ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ମାର୍କୋଣା ଷ୍ଟେଶନ ରୋଡ଼ ପାର୍ଶ୍ୱରେ ଥିବା ଭାଗିରଥୀ ମିଶ୍ରଙ୍କ ଘରେ। ଶୁକ୍ରବାର ସକାଳ ୮ଟାରେ ପ୍ରଭାବତୀଙ୍କ ବାପା ଶୀତଳଙ୍କ ଶବ ସତ୍କାର ପାଇଁ ପରିବାର ଲୋକଙ୍କ ସହିତ ଉଭୟ ଦମ୍ପତି ପ୍ରଭାବତୀ ଓ ଭାଗିରଥି ପୁରୀ ସ୍ୱର୍ଗଦ୍ୱାର ଯାଇଥିଲେ। ପରେ ରାତି ୨ଟାରେ ସେମାନେ ଘର ନିକଟରେ ପହଞ୍ଚିବାରୁ ସେମାନଙ୍କୁ ଦେଖି ଚୋରମାନେ ଫେରାର ହୋଇଯାଇଥିଲେ। ଚୋରମାନେ ନଗଦ ୨୪ହଜାର ଟଙ୍କା ସମେତ ପ୍ରାୟ ୪ଲକ୍ଷ ଟଙ୍କାର ଅଳଙ୍କାର ନେଇଯାଇଥିବା ଥାନାରେ ଅଭିଯୋଗ ହୋଇଛି।

# ୨ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ବନ୍ଦ

ଠାକୁରମୁଣ୍ଡା,୫।୧୧(ଡି.ଏନ୍.ଏ)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ୍ ଶିକ୍ଷା ଅଧିକାରୀଙ୍କ ଅଧୀନରେ ଥିବା ୨ ପ୍ରାଥମିକ ବିଦ୍ୟାଳୟରେ ଗତ ଗୁରୁବାରଠାରୁ ମଧ୍ୟାହ୍ନ ଭୋଜନ ବନ୍ଦ ରହିଛି। ମଧ୍ୟାହ୍ନ ଭୋଜନ ପାଇଁ ବିଦ୍ୟାଳୟ ଗୁଡ଼ିକୁ ଚାଉଳ ଯୋଗାଣ ହୋଇ ନ ଥିବାରୁ ଏପରି ସମସ୍ୟା ଉପୁଜିଥିବାର ଜଣାପଡ଼ିଛି। ଫଳରେ ଛାତ୍ରୀଛାତ୍ରଙ୍କ ବିସ୍କୁଟ ଦିଆଯାଇଥିବା ଦୁଇ ସ୍କୁଲର ପ୍ରଧାନଶିକ୍ଷକ କହିଛନ୍ତି। ପ୍ରକାଶ ଯେ, ଖଣ୍ଡବନ୍ଧ ପଞ୍ଚାୟତ ଅନ୍ତର୍ଗତ ବୁରୁ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାରଠାରୁ ମଧ୍ୟାହ୍ନ ଭୋଜନ ବନ୍ଦ ରହିଛି। ଖଣ୍ଡବନ୍ଧ ପ୍ରାଥମିକ ବିଦ୍ୟାଳୟରେ ଗତ ଗୁରୁବାରଠାରୁ ବନ୍ଦ ରହିଛି। ଖଣ୍ଡବନ୍ଧ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦେବଦତ୍ତ ସାହୁ ଏ ନେଇ କହିଛନ୍ତି ଯେ, ୨ ମାସ ହେଲାଣି ବିଦ୍ୟାଳୟକୁ ଚାଉଳ ଯୋଗାଇ ଦିଆ ଯାଇନାହିଁ। ଯାହାଫଳରେ ବାହାରୁ ଚାଉଳ ଧାର ଆଣି ପିଲାଙ୍କୁ ମଧ୍ୟାହ୍ନ ଭୋଜନ ଦିଆ ଯାଉଥିଲା। କିନ୍ତୁ ୩

**ଚାଉଳ ଯୋଗାଣ ହେଉନି**

ଦିନ ହେବ ସମ୍ପୂର୍ଣ୍ଣ ରୋଷେଇ ବନ୍ଦ ରହିଛି। ପିଲାଙ୍କୁ ବିସ୍କୁଟ, ଅଣ୍ଡା ଦିଆଯାଉଛି। ସେହିପରି ବୁରୁ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିମଳକାନ୍ତ ନାୟକ ତାଙ୍କ ବିଦ୍ୟାଳୟକୁ ଚାଉଳ ଯୋଗାଣ ବନ୍ଦ ହୋଇଯିବାରୁ କିଛିଦିନ ଅଙ୍ଗନୱାଡି ଓ ବାହାର ଲୋକଙ୍କ ପାଖରୁ ଚାଉଳ ଧାର ଆଣି ରୋଷେଇ କରିଥିବା କହିଥିଲେ। ୨ ଦିନ ହେଲା ଆଉ ରୋଷେଇ କରାଯାଇନାହିଁ। ଏ ନେଇ ସିଆରସିସିକୁ ସେ ଜଣାଇଥିବା କହିଛନ୍ତି। ଏ ସମ୍ପର୍କରେ ନୂତନ ଭାବରେ ଯୋଗ ଦେଇଥିବା ବ୍ଲକ୍ ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାଏକଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ଏ ନେଇ ଏବେ ସୂଚନା ପାଇଲି ଏବଂ ଚାଉଳ ଆସିଯାଇଛି। ଯଥା ଶୀଘ୍ର ଯୋଗାଇ ଦିଆଯିବ ବୋଲି କହିଥିଲେ। ଚାଉଳ ନ ଥିବାରୁ ବ୍ଲକ୍‌ର ଅନେକ ବିଦ୍ୟାଳୟରେ ଏପରି ଅବସ୍ଥା ସୃଷ୍ଟି ହୋଇ ଥିବାର କୁହାଯାଉଛି।

# ଦୁର୍ନୀତିର ଚିତ୍ର ଦେଖାଇଲେ ବରିଷ୍ଠ ନାଗରିକ



ଉଦ୍‌ଯାପନୀ ସମାରୋହରେ ମଞ୍ଚାସୀନ ଅତିଥିଗଣ।

ବାଲେଶ୍ୱର ଅଫିସ, ୫।୧୧

ବାଲେଶ୍ୱରଠାରେ ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେଶନିବାର ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଉଦ୍‌ଯାପନୀ ସମାରୋହ ଆୟୋଜିତ ହୋଇଯାଇଛି। ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବାଞ୍ଚଳ ରେଞ୍ଜର ପୋଲିସ ଆଇଜି ହିମାଂଶୁ ଲାଲ୍ ଯୋଗଦେଇ ଦୁର୍ନୀତି ନିବାରଣରେ ୫-ଟି ଓ ମୋ ସରକାରର ଯଥେଷ୍ଟ ଭୂମିକା ରହିଛି। ପ୍ରତ୍ୟେକବର୍ଗର ଜନସାଧାରଣ ଏହାର ସୁବିଧା ନେବା ପାଇଁ ଅଧିକ ସଚେତନତା ସୃଷ୍ଟି କରିବା ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ।

ଦୁର୍ନୀତି ନିବାରଣ ବିଭାଗ ଏସ୍‌ପି ନରହରି ନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ସଭା ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ର ଓ ଜିଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ସାହୁ ଓ ବାଲେଶ୍ୱର ଉପଜିଲାପାଳ କୁନାଲ ଚୌହାନ ଯୋଗଦେଇ ଦୁର୍ନୀତି ନିବାରଣର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଦୁର୍ନୀତି ନିବାରଣ ସଚେତନତା ଉପରେ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଅଂଶୁମାନ ପ୍ରଧାନ, ସତ୍ୟମ୍ ଦାସ, ସୁଶ୍ରୀ ଏନ୍. ଉପାସନା ବକ୍ତବ୍ୟ ରଖିଥିଲେ। ବାଲେଶ୍ୱର ବାର୍ ଆସୋସିଏସନ୍ ସଭାପତି ମନୋଜ କୁମାର ନାୟକ, ସିଭିଲ ସୋସାଇଟି ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ, ଅବସରପ୍ରାପ୍ତ କର୍ମଚାରୀ ଫୋରମ୍‌ର ସମ୍ପାଦକ ବନମାଳୀ ନାୟକ ନିଜର ଭାଷଣ ମାଧ୍ୟମରେ ବର୍ତ୍ତମାନ ସମାଜରେ ହେଉଥିବା ଦୁର୍ନୀତିର ଚିତ୍ର ଦେଖାଇଥିଲେ। ପୂର୍ବରୁ ଆୟୋଜିତ ଇଂରାଜୀ ଓ ଓଡ଼ିଆ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ନୃତ୍ୟଗୀତ ପ୍ରତିଯୋଗିତାରେ ୧୩୦ ଛାତ୍ରୀଛାତ୍ର

ଆରଡ଼ି, ୫।୧୧ (ଡି.ଏନ୍.ଏ.)

ଭଦ୍ରକ ଜିଲା ଧାମନଗର ବ୍ଲକର ସାହୁସାହି ଓ ଚାନ୍ଦବାଲି ବ୍ଲକର ସୁନ୍ଦରପୁର ମଧ୍ୟସ୍ଥଳୀରେ ଥିବା ପ୍ରସିଦ୍ଧ ରଘୁବର ଦାସ ମଠ ପରିସରରେ ୨୫ ବିଦ୍ୟାଳୟର ୧୩୦ ଛାତ୍ରୀଛାତ୍ରଙ୍କୁ ନେଇ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ରଘୁବର ଦାସ ମଠ କମିଟି ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ନ୍ୟାଶନାଲ କୋରିଓଗ୍ରାଫର ଭୋଳାନାଥ ଘୋଷ, ଜିଲା କଳା ସଂସ୍କୃତି ସଂଘର ଉପସଭାପତି ସୁବାସ ଚନ୍ଦ୍ର ମଲ୍ଲିକ, ସୁଦର୍ଶନ ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଜିତ ରାଉତ ଓ ବରିଷ୍ଠ ଶିକ୍ଷକ ପୀତବାସ ନାୟକ ବିଚାରକ ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ଅଧ୍ୟାପକ ନିକୁଞ୍ଜ କିଶୋର ଜେନା ଓ ମୁଖ୍ୟଅତିଥି ଅବସରପ୍ରାପ୍ତ ଅଧ୍ୟାପକ ବିଭୂତି ଭୂଷଣ ବାରିକ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷାବିତ୍ ଦୀପ୍ତି ରଞ୍ଜନ ନାୟକ ଓ ଶିକ୍ଷକ ହିମାଂଶୁ ଶେଖର ସାହୁ ମଞ୍ଚ ପରିଚାଳନା କରିଥିଲେ।

## ବସ୍ ଧକ୍କାରେ ବାଇକ୍ ଆରୋହୀ ଗୁରୁତର

କୁଳିଅଣା,୫।୧୧(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା କୁଳିଅଣା ଥାନା ୧୮ନଂ. ଜାତୀୟ ରାଜପଥର ସୁକୁଆପୋଡ଼ା ପେଟ୍ରୋଲ ପମ୍ପ ନିକଟରେ ଶନିବାର ସକାଳେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଏକ ବସ୍ ସହ ଧକ୍କା ହେବାରୁ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ସେ ଏବେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଗୁରୁତର ବ୍ୟକ୍ତି ଜଣକ ହେଲେ ବାଙ୍ଗିରିପୋଷି ଥାନା ଅଧୀନ ଜଗନ୍ନାଥ ଖୁଣ୍ଟା ଗ୍ରାମର ନିଖିଳ ପାତ୍ର। ସୂଚନା ଅନୁଯାୟୀ, ନିଖିଳ ପେଟ୍ରୋଲ ପମ୍ପରୁ ପେଟ୍ରୋଲ ପକାଇ ନିଜ ଗ୍ରାମକୁ ଫେରୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା କୁସୁମବନ୍ଦରୁ ବାରିପଦା ଯାତ୍ରୀବାହୀ ବସ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ବାଇକ୍ ସହ ଘୋଷାଡ଼ି ହୋଇଯିବାରୁ ତାଙ୍କ ହାତ ଭାଙ୍ଗିବା ସହ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଖବରପାଇ କୁଳିଅଣା ପୋଲିସ ପହଞ୍ଚି ଦୁଇ ଗାଡ଼ିକୁ ଜବତ କରିବା ସହ ଗୁରୁତର ନିଖିଳଙ୍କୁ ଚିକିତ୍ସା ପାଇଁ ବାରିପଦା ପିଆର୍‌ଏମ୍ ମେଡିକାଲକୁ ପଠାଇଥିଲା। ପରେ ତାଙ୍କୁ କଟକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ବସ୍ ଡ୍ରାଇଭରଙ୍କୁ ପୋଲିସ ଥାନାରେ ଅଟକ ରଖିଛି।

# ଜିଲା ପ୍ରଶାସନକୁ ସ୍କୋଚ୍ ଗୋଲ୍ଡ ଆୱାର୍ଡ

କେନ୍ଦୁଝର,୫।୧୧(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପ୍ରଶାସନକୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସ୍କୋଚ୍ ପକ୍ଷରୁ ସ୍କୋଚ୍ ଗୋଲ୍ଡ ଆୱାର୍ଡ ପ୍ରଦାନ କରାଯାଇଛି। ଡିଏମ୍‌ଏଫ୍ ଅନୁଦାନରେ ଜିଲାରେ ୧୩ ଟି ବ୍ଲକ୍‌ରେ ୩୯ ହଜାର କ୍ଷୁଦ୍ର ଓ ସାଧାରଣ ମହିଳା ଚାଷୀଙ୍କୁ ଉଦ୍ୟାନ କୃଷି ଜରିଆରେ ପ୍ରୋତ୍ସାହିତ କରି ଦ୍ୱିଗୁଣିତ ଆୟ ବୃଦ୍ଧି କରାଯାଇଛି। ଉଦ୍ୟମ ଦ୍ୱାରା ମହିଳାଙ୍କ ଜୀବିକାରେ ସହାୟତା ପ୍ରଦାନ କରାଯାଇପାରିଥିବାରୁ ଏଭଳି ସମ୍ମାନ ମିଳିଛି ବୋଲି ପ୍ରଶାସନ ପକ୍ଷରୁ ଜଣାଯାଇଛି। ସେହିପରି ଓ୍ୱାର୍ଡି ପ୍ରୋଗ୍ରାମରେ ଉଦ୍ୟାନ କୃଷି ତଥା ପୌରପାଳିକା ପରିଚାଳନା ଏବଂ ବଡ଼ବିଲରେ ଉସ୍ତୁ ଷ୍ଟାଡିୟମ ପ୍ରତିଷ୍ଠା କରି କ୍ରୀଡ଼ାକୁ ପ୍ରୋତ୍ସାହିତ କରାଯାଇଛି। ଖଣି ଅଞ୍ଚଳର କୃଷି, ଉଦ୍ୟାନ ଓ ଜଙ୍ଗଲ ଭିତ୍ତିକ ଜୀବିକା ଦ୍ୱାରା କ୍ଷୁଦ୍ର ଓ ନାମକୁମାତ୍ର ଚାଷୀଙ୍କୁ ପ୍ରୋତ୍ସାହିତ କରାଯାଇଛି। ଏହାଦ୍ୱାରା ଲୋକଙ୍କୁ ଖାଦ୍ୟ, ଔଷଧ, କାଠ ଆଦି ମିଳିପାରୁଛି। ଏହି ପ୍ରୋଗ୍ରାମ ଦ୍ୱାରା ୧୫୧୬ ଚାଷୀ ସମୁଦାୟ ୧୪୬୦ ଏକର ଅଞ୍ଚଳରୁ ଜୀବିକା ନିର୍ବାହ କରିପାରିଛନ୍ତି ବୋଲି କୁହାଯାଇଛି। ବଡ଼ବିଲଠାରେ ଥିବା ଉସ୍ତୁ ଷ୍ଟାଡ଼ିୟମରେ ୧୫୦ରୁ ଊର୍ଦ୍ଧ୍ୱ ଉସ୍ତୁ ଓ କିକ୍ ବକ୍ସିଂ କ୍ରୀଡ଼ାବିତ୍ ତାଲିମ ନେଉଛନ୍ତି। ସେହିପରି ଜିଲା ପ୍ରଶାସନ କେନ୍ଦୁଝରଗଡ଼ ପୌରାଞ୍ଚଳରେ ହ୍ୟାଣ୍ଡବଲ ପଡ଼ିଆ ଉନ୍ନତିକରଣ, ଖଣି ଅଞ୍ଚଳରେ ରାସ୍ତା ସଂଯୋଗୀକରଣର ତଥା ସୋଲାର ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥା ଆଦି ପାଇଁ ସ୍କୋଚ୍ ଅର୍ଡର ଅଫ ମେରିଟରେ ସେମିଫାଇନାଲିଷ୍ଟ ହୋଇପାରିଛି। ଏସବୁ ଦ୍ୱାରା ଖଣି ଅଞ୍ଚଳ ତଥା ଅନ୍ୟାନ୍ୟ ଅଞ୍ଚଳରେ ଲୋକଙ୍କ ସାମାଜିକ ଅର୍ଥନୈତିକ, ଶିକ୍ଷା, ସୁରକ୍ଷା, କର୍ମନିୟୋଜନ, ସ୍ୱାସ୍ଥ୍ୟ ଆଦି କ୍ଷେତ୍ରରେ ଅଗ୍ରଗତି ହୋଇ ପାରିଛି ବୋଲି ମତପ୍ରକାଶ ପାଇଛି।

# ଋଣ ଟଙ୍କା ନେଇ ମହିଳା ଫେରାର

ଯୋଡ଼ା,୫।୧୧(ଡି.ଏନ.ଏ): କେନ୍ଦୁଝର ଜିଲା ଯୋଡ଼ା ସହର ସ୍ଥିତ ଆଜାଦନଗରର ଜଣେ ମହିଳା ୪୦ରୁ ଊର୍ଦ୍ଧ୍ୱ ମହିଳାମାନଙ୍କ ଡକୁମେଣ୍ଟ ସହାୟତାରେ ବିଭିନ୍ନ ବ୍ୟାଙ୍କରୁ ଲକ୍ଷାଧିକ ଋଣ କରି ହଡ଼ପ କରି ନେଇଛନ୍ତି। ଏ ନେଇ ଠକାମୀର ଶିକାର ହୋଇଥିବା ମହିଳାମାନେ ଶନିବାର ଯୋଡ଼ା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୁକ୍ତ ମହିଳା ଜଣକ ବିଭିନ୍ନ ଘରୋଇ ବ୍ୟାଙ୍କରୁ ଋଣ କରାଇଦେବାକୁ କହି ମହିଳାମାନଙ୍କୁ ପ୍ରଲୋଭିତ କରିଥିଲେ। ପରେ ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ମହିଳାଙ୍କ ଆଧାରକାର୍ଡ ଓ ଅନ୍ୟାନ୍ୟ କାଗଜପତ୍ରରେ ବିଭିନ୍ନ ଘରୋଇ ବ୍ୟାଙ୍କରୁ ୨୫ ରୁ ୩୦ ଲକ୍ଷ ଟଙ୍କା ଋଣ ନେଇ ନିଜ କାମରେ ଲାଗାଇଥିଲେ। ମହିଳାମାନେ ଠକାମୀର ଶିକାର ହୋଇଥିବା ଜାଣିବା ପରେ ଯୋଡ଼ା ଥାନାର ଦ୍ୱାରସ୍ଥ ହୋଇଥିଲେ। ମହିଳା ଫେରାର ଥିବା ବେଳେ ପୋଲିସ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ପ୍ରତିଶ୍ରୁତି ଦେଇଛି।

## ରାଜ୍ୟ ସିନିୟର ଚେସ୍ ପ୍ରତିଯୋଗିତା ଉଦ୍‌ଘାଟିତ

# ଭାଗ ନେଲେ ୧୦୭ ପ୍ରତିଯୋଗୀ




ରାଜ୍ୟ ସିନିୟର ପ୍ରତିଯୋଗିତା ଉଦ୍‌ଘାଟନୀ ସଭାରେ ମଞ୍ଚାସୀନ ଅତିଥି।

ବାଲେଶ୍ୱର ଅଫିସ, ୫।୧୧

ବାଲେଶ୍ୱର ସହର ତାମୁଲିଆ ଗେଟ୍ ନିକଟସ୍ଥ ବାଲେଶ୍ୱର କ୍ଲବ ପରିସରରେ ଓଡ଼ିଶା ରାଜ୍ୟ ସିନିୟର ଚେସ୍ ପ୍ରତିଯୋଗିତା ଶନିବାର ଉଦ୍‌ଘାଟିତ ହୋଇଛି। ବାଲେଶ୍ୱର କ୍ଲବ, ଲାୟନ୍ସ କ୍ଲବ ଅଫ ବାଲେଶ୍ୱର ସ୍ୟାଣ୍ଡ ସିଟି ଏବଂ ଜିଲା ଚେସ୍ ଆସୋସିଏଶନ ମିଳିତ ଉଦ୍ୟମ ଏବଂ ଜାତୀୟ ଚେସ୍ ସଂଘର ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଆରମ୍ଭ ହୋଇଛି। ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ସଭାକୁ ଜିଲା ଚେସ୍ ସଂଘର କାର୍ଯ୍ୟନିର୍ବାହୀ ସଭାପତି ପ୍ରଦୀପ୍ତ କୁମାର ପଣ୍ଡା ପରିଚାଳନା କରିଥିଲେ। ଶିଳ୍ପପତି ସଂଗ୍ରାମ ଦାସ, ବାଲେଶ୍ୱର କ୍ଲବ ସମ୍ପାଦକ ସରସ ବୋଧନୱାଲା, ଖେଳ ସମ୍ପାଦକ ଅରୁଣ ଖଣ୍ଡେଲୱାଲ, ଉପସଭାପତି ପ୍ରକାଶ ମହାନ୍ତି, ବାଲେଶ୍ୱର ଲାୟନ୍ସ କ୍ଲବ ସ୍ୟାଣ୍ଡ ସିଟିର ସଭାପତି ଭୂଷଣ ମିଶ୍ର, ଜିଲା ଚେସ୍ ସଂଘର ସମ୍ପାଦକ ମନୋରଞ୍ଜନ ପଣ୍ଡା, ରାଜ୍ୟ ଏକ୍‌ଜିକ୍ୟୁଟିଭ୍ ସଦସ୍ୟ ସନ୍ଦୀପ ସାମନ୍ତରାୟ, ଜିଲା ଚେସ୍ ସଂଘ ସଦସ୍ୟ ଏଶ୍ୱର୍ଯ୍ୟ ସେନାପତି ପ୍ରମୁଖ ଖେଳାଳୀମାନଙ୍କ ମନୋବଳକୁ ଦୃଢ଼ କରିବା ପାଇଁ ବିଭିନ୍ନ ଉପାୟ ଉପସ୍ଥାପନା କରିଥିଲେ।

ଏହି ପ୍ରତିଯୋଗିତା ଆସନ୍ତା ୮ ତାରିଖରେ ଶେଷ ହେବ। ପ୍ରତ୍ୟେକ ଖେଳାଳି ୮ଟି ଲେଖାଏଁ ମ୍ୟାଚ୍ ଖେଳିବାକୁ ସୁଯୋଗ ପାଇବେ। ପ୍ରତିଯୋଗିତାରେ ଓଡ଼ିଶାର ୧୦୭ଜଣ ପ୍ରତିଯୋଗୀ ଭାଗ ନେଇଛନ୍ତି। ସେଥିମଧ୍ୟରୁ ୫୮ଜଣ ଅନ୍ତର୍ଜାତୀୟ ମାନ୍ୟତାପ୍ରାପ୍ତ ରେଟେଡ ଖେଳାଳି ସାମିଲ ହୋଇଛନ୍ତି। ଏହା ସର୍ବକାଳର ଶ୍ରେଷ୍ଠ ରାଜ୍ୟ ସିନିୟର ପ୍ରତିଯୋଗିତା ଅଟେ। ଏଥିରେ ୫ଜଣ ରାଜ୍ୟ ଚାମ୍ପିୟନ ରାଉରକେଲାର ଉତ୍କଳରଞ୍ଜନ ସାହୁ, ଭୁବନେଶ୍ୱରର ସୌମ୍ୟରଞ୍ଜନ ମିଶ୍ର, ପୁରୀର ମନୋଜ ପାଣିଗ୍ରାହୀ, ରାଜେଶ ନାୟକ ଏବଂ ବାଲେଶ୍ୱରର ଦେବାଶିଷ ଚକ୍ରବର୍ତ୍ତୀ ଭାଗ ନେଇଛନ୍ତି। ଏହି ପ୍ରତିଯୋଗିତାର ଶ୍ରେଷ୍ଠ ୪ଜଣ ଖେଳାଳି ଆସନ୍ତା ଡିସେମ୍ବର ୨୨ ତାରିଖ ଦିଲ୍ଲୀରେ ଆରମ୍ଭ ହେବାକୁ ଥିବା ୫୯ତମ ସିନିୟର ଜାତୀୟ ଚେସ୍ ପ୍ରତିଯୋଗିତାରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବେ ବୋଲି ସଂଘ ପକ୍ଷରୁ ଜଣାପଡ଼ିଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
balasoreselfie@gmail.com



@ଅଙ୍କିତ୍



@ପପି



@ଗୌତମ



@ରାଜେଶ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ଦୋଷୀଙ୍କୁ ଆଜୀବନ କାରାଦଣ୍ଡ

ରାଇରଙ୍ଗପୁର, ୫।୧୧(ଡି.ଏନ.ଏ.)

**ପୂର୍ବଶତ୍ରୁତାରୁ ହତ୍ୟା ମାମଲା**

ଏକ ହତ୍ୟା ମାମଲାର ବିଚାର କରି ମୟୂରଭଞ୍ଜ ଅତିରିକ୍ତ ଜିଲା ଦୌରାଜଜ୍ ଦୀପକ କୁମାର ଅଭିଯୁକ୍ତ ଛୋଟରାୟ ଦେହୁରୀଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଆଉ ୧ ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟ ଶୁଣାଇଛନ୍ତି। ୨୦୨୦ ଅକ୍ଟୋବର ୨୦ରେ ମୟୂରଭଞ୍ଜ ଜିଲା ଗୋରୁମହିଷାଣୀ ଥାନା ଅଧୀନ କୁକୁଡିମୁଣ୍ଡି ଗ୍ରାମର ସମରା ଦେହୁରୀ ଏବଂ ତାଙ୍କ ସ୍ତ୍ରୀ ଘର ବାରଣ୍ଡାରେ ଠିଆ ହୋଇଥିବା ବେଳେ ଛୋଟରାୟ ସମରା ଦେହୁରୀଙ୍କୁ ତୀରମାରି ନିର୍ମମ ଭାବେ ହତ୍ୟା କରିଥିଲେ। ଏ ନେଇ ଅଭିଯୋଗ ପରେ ପୋଲିସ ଏକ ହତ୍ୟା ମାମଲା (ନଂ.୭୦/୨୦୨୦) ରୁଜୁ କରିଥିଲା। ୧୩ ଜଣଙ୍କ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତି କରି ଜଜ୍ ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ଏହି ମାମଲା ସରକାରଙ୍କ ପକ୍ଷରୁ ଆଇନଜୀବୀ ପଙ୍କଜ ଦାସ ପରିଚାଳନା କରୁଥିଲେ।

# ନିର୍ମାଣାଧୀନ ପ୍ରକଳ୍ପର ସମୀକ୍ଷା କଲେ ବିଧାୟିକା

ଯୋଡ଼ା,୫।୧୧(ଡି.ଏନ.ଏ)

କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକାରେ ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ ଶନିବାର ନିର୍ମାଣାଧୀନ ଫ୍ଲାଏ ଓଭର ବ୍ରିଜ୍ ଓ ଇଣ୍ଡୋର ଷ୍ଟାଡ଼ିୟମର ନିର୍ମାଣ କାର୍ଯ୍ୟ ଗୁଡ଼ିକର ସମୀକ୍ଷା କରିଛନ୍ତି। ଧାର୍ଯ୍ୟ ସମୟ ଭିତରେ କିପରି ସମାପ୍ତ ହୋଇପାରିବ ତାହାକୁ ନେଇ ନିୟୋଜିତ ଠିକାଦାର ଚେଭରକ୍ସ କମ୍ପାନୀ ସହ ଆଲୋଚନା କରିଥିଲେ। ପରେ ଯୋଡ଼ା ହାଇସ୍କୁଲ ନିକଟରେ ନିର୍ମାଣ ହେଉଥିବା ଇଣ୍ଡୋର୍ ଷ୍ଟାଡ଼ିୟମ ବୁଲି ଦେଖିଥିଲେ। କାର୍ଯ୍ୟକ୍ରମରେ ଯୋଡ଼ା ପୌର ଅଧ୍ୟକ୍ଷ ଡାକ୍ତର ଜଗଦୀଶ ପ୍ରସାଦ ସାହୁ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ବିଚିତ୍ରାନନ୍ଦ ନାୟକ, ଉପାଧ୍ୟକ୍ଷା ସନ୍ଧ୍ୟା ପାତ୍ର, ଜିଲା ବିଜେଡି ସମ୍ପାଦକ ବାବୁଲାଲ ସାହୁ, ରବି ନାରାୟଣ ଦାସ, ଗୋବିନ୍ଦ ଶାହାଙ୍କ ସହ ଅନେକ ବିଜେଡି କର୍ମୀ ଉପସ୍ଥିତ ଥିଲେ। ପରେ ବିଧାୟିକା ଯୋଡ଼ା ପୌରପାଳିକାରେ ପହଞ୍ଚି କାଉନ୍‌ସିଲ ମିଟିଂରେ ଯୋଗଦେଇ ବିଭିନ୍ନ କାର୍ଯ୍ୟର ସମୀକ୍ଷର କରିଥିଲେ। ଶେଷରେ ପୌରପାଳିକା ପକ୍ଷରୁ ଆୟୋଜିତ ବଡ଼ାଖାନାରେ ଯୋଗ ଦେଇଥିଲେ।



ବିଧାୟିକାଙ୍କ ସହ ଅନ୍ୟମାନେ।

## ମାଙ୍କଡ ପଲ ଆକ୍ରମଣରେ ଛାତ୍ରୀ ଲହୁଲୁହାଣ

ଜଳେଶ୍ୱର, (ଡି.ଏନ.ଏ.)-ଜଳେଶ୍ୱର ବ୍ଲକ ଲକ୍ଷ୍ମୀପୁର ପଞ୍ଚାୟତ ଦେଉଳା ଗ୍ରାମର ମନୋରଞ୍ଜନ ପ୍ରାଥମିକ ବିଦ୍ୟାଳୟର ୫ମ ଶ୍ରେଣୀ ଛାତ୍ରୀ ଶୁଭଲକ୍ଷ୍ମୀ ରାଉତ (୧୧) ସ୍କୁଲକୁ ଆସୁଥିବା ବେଳେ ମାଙ୍କଡପଲ ଆକ୍ରମଣର ଶୀକାର ହୋଇଛନ୍ତି। ଶୁଭଲକ୍ଷ୍ମୀ ସ୍କୁଲ ଗଲାବେଳେ ମାଙ୍କଡମାନେ ତାଙ୍କୁ ଆକ୍ରମଣ କରିଥିଲେ। ତାଙ୍କ ସ୍କୁଲ ବ୍ୟାଗ ଓ ପୋଷାକପତ୍ର ଟାଣି ଛିଡାଇ ଦେଇଥିବା ବେଳେ ମୁହଁକୁ ଆମ୍ପୁଡି ରକ୍ତାକ୍ତ କରିଥିଲେ। ରାସ୍ତାରେ ଜଣେ ବାଇକ୍ ଆରୋହୀ ତାଙ୍କୁ ମାଙ୍କଡମାନଙ୍କ ଆକ୍ରମଣରୁ ରକ୍ଷା କରିବା ପରେ ତାଙ୍କ ଘରକୁ ଖବର ଦେଇଥିଲେ।

### ଆଜି କ'ଣ କେଉଁଠି

ଆରଡ଼ି
- ଆଧାତ୍ମିକ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ସାହୁସାହି, ସୁନ୍ଦରପୁର ରଘୁବର ଦାସ ମଠ, ସମୟ: ସନ୍ଧ୍ୟା ୭ଟା।

## ପଞ୍ଚାୟତ ସମିତି ବୈଠକ ପାନୀୟ ଜଳ ପ୍ରକଳ୍ପ ନିର୍ମାଣରେ ମନ୍ଥରତାକୁ ନେଇ ଉଦ୍‌ବେଗ

ପାଟଣା,୫ା୧୧(ସ୍ୱ.ପ୍ର.): କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ ସଭାଗୃହରେ ଶନିବାର ପଞ୍ଚାୟତ ସମିତି ଚତୁର୍ଥ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ଅଧକ୍ଷା ରୀନା ନାୟକଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ତଥା ଜିଲା ଯୋଜନା କମିଟି ସଭାପତି ଜଗନ୍ନାଥ ନାଏକ ଯୋଗଦେଇ ମେଗା ପାନୀୟ ଜଳ ପ୍ରକଳ୍ପର ମନ୍ଥରତା ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ତୁରନ୍ତ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଡିଓ ବିଜୟ ନାୟକ, ବ୍ଲକ ଉପାଧକ୍ଷା ଛବିରାଣୀ ସେଠୀ, ଜିଲାପରିଷଦ ସଦସ୍ୟ ବୁଦ୍ଧଦେବ ମହାକୁଡ଼, ଚମ୍ପାବତୀ ଗୁଡୁଙ୍କ ସହ ସରପଞ୍ଚ, ସମିତିସଭ୍ୟମାନେ ଉପସ୍ଥିତ ଥିଲେ।

## ଦୀର୍ଘଦିନ ହେଲା ଖାଲିପଡିଛି ସିଇଓ ପଦବୀ

ବାହାନଗା, ୫ା୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକରେ ଦୀର୍ଘଦିନ ହେଲାଣି ଖାଲିପଡିଛି କୋଅପରେଟିଭ ଏକ୍ସଟେନଶନ ଅଫିସର(ସିଇଓ) ପଦବୀ। ସମବାୟ ସମିତିରୁ ଋଣ ନେଇ ଶୁଝୁ ନ ଥିବା ଲୋକଙ୍କ ନାଁରେ ଏଆର୍(ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର)ଙ୍କଠାରେ ମାମଲା ରୁଜୁ କରାଗଲା ପରେ ତାହାକୁ ବିଚାର କରିବା ସହ ତାଙ୍କ ଆଦେଶକୁ କିପରି କାର୍ଯ୍ୟକାରୀ ହେବ ସେ ବାବଦରେ ସିଇଓ ତଦାରଖ କରି ସମ୍ପୃକ୍ତ ଋଣଗ୍ରହୀତାଙ୍କ ଉପରେ କାର୍ଯ୍ୟାଦେଶ ନେଇଥାନ୍ତି। ଯେତେବେଳେ ଗୋଟିଏ ସମବାୟ ସମିତର ମ୍ୟାନେଜମେଣ୍ଟ କୌଣସି କାରଣବଶତଃ ଭାଙ୍ଗିଯାଇଥାଏ ସେ ସ୍ଥାନରେ ରେଜିଷ୍ଟ୍ରାରଙ୍କ ଦ୍ୱାରା ସିଇଓଙ୍କୁ ପରିଚାଳନା ନମନ୍ତେ ଦାୟିତ୍ୱ ଦେଇଥାନ୍ତି। ସେହିପରି ସିଇଓ ବ୍ଲକ ଅଞ୍ଚଳରେ ନୂତନ ସମିତି ପ୍ରତିଷ୍ଠା କରିବାକୁ ଚାହୁଁଥିବା ଲୋକଙ୍କୁ ସମିତି ଗାଇଡଲାଇନ୍ ବାବଦରେ ଦିଗ୍‌ଦର୍ଶନ ଦେଇଥାନ୍ତି । ବ୍ଲକରେ ଥିବା ସମସ୍ତ ସମିତି ପରିଚାଳନା କମିଟି କୌଣସି କାରଣରୁ ଭାଙ୍ଗିଗଲେ ତାହା କୋଅପରେଟିଭର ରେଜିଷ୍ଟ୍ରାରଙ୍କ ହାତରେ ମ୍ୟାନେଜମେଣ୍ଟର ପରିଚାଳନା ଦାୟିତ୍ୱ ରହିଥାଏ। ମାତ୍ର ତାହାକୁ ତଦାରଖ କରିବା ନିମନ୍ତେ ସିଇଓ ବ୍ଲକରେ ଥିବା ସିଇଓଙ୍କୁ ଦାୟିତ୍ୱ ଦିଆଯାଇଥାଏ। ତେବେ ଏତେ ସବୁ କାର୍ଯ୍ୟ ପାଇଁ ପ୍ରତି ବ୍ଲକରେ ସରକାର ଜଣେ ସିଇଓ ନିଯୁକ୍ତି କରିଥିବା ବେଳେ ଦୀର୍ଘ ଦିନ ଧରି ବାହାନଗା ବ୍ଲକରେ ସେହି ପଦବୀ ଖାଲିପଡିଛି। ଯାହାକି ବିଭିନ୍ନ ସମିତିର ନିର୍ବାଚନ ପରିଚାଳନା କରିବାକୁ ନେଇ କଷ୍ଟସାଧ ହେଉଛି। ତୁରନ୍ତ ଜିଲା ପ୍ରଶାସନ ବାହାନଗା ବ୍ଲକରେ ସମବାୟ ସମିତି ବିଷୟରେ ଲୋକ ଓ ସମିତିରୁ ନେବାକୁ ଥିବା ଋଣ ଗ୍ରହୀତାମାନଙ୍କୁ ସହାୟତା କରିବା ନିମନ୍ତେ ସିଇଓ ନିଯୁକ୍ତି ତୁରନ୍ତ କରିବା ଆବଶ୍ୟକ ବୋଲି ଦାବି ହେଉଛି। ବାହାନଗା ବିଡିଓ ଗୌରାଙ୍ଗ ଘୋଷ କହିଛନ୍ତି, ଦୀର୍ଘବର୍ଷ ହେଲାଣି ବ୍ଲକରେ କୌଣସି ସିଇଓ ପଦବୀରେ କେହି ନାହାନ୍ତି। ଋଣ ନେଉଥିବା ଚାଷୀମାନଙ୍କୁ ସରକାରଙ୍କ ଯୋଜନା ବିଷୟରେ ଅବଗତ କରାଇବା ନିମନ୍ତେ ସିଇଓଙ୍କ ଉପସ୍ଥିତି ନିହାତି ଆବଶ୍ୟକ ଅଛି।

## ‘ପ୍ରାଚୀରପତ୍ର ସୃଜନଶୀଳ ବିପ୍ଳବ ଆଣିଥାଏ’



ଧାମନଗର କଲେଜ ପ୍ରାଚୀରପତ୍ର ଉନ୍ମୋଚନ ଉତ୍ସବରେ ଅଧକ୍ଷ, ଅଧ୍ୟାପକଙ୍କ ସହ ଛାତ୍ରୀଛାତ୍ର।

ଧାମନଗର,୫ା୧୧(ଡି.ଏନ.ଏ)

ପ୍ରାଚୀରପତ୍ର ତରୁଣଙ୍କ ମଧ୍ୟରେ ଏକ ସୃଜନଶୀଳ ବିପ୍ଳବ ଆଣିଥାଏ ବୋଲି ଧାମନଗର ମହାବିଦ୍ୟାଳୟର ପ୍ରାଚୀରପତ୍ର ‘ଉଦ୍‌ଭାସ’ର ନୂତନ ସଂସ୍କରଣ ଉନ୍ମୋଚନ ଅବସରରେ ଅଧକ୍ଷ ପବିତ୍ର ପାଣିଗ୍ରାହୀ ମତବ୍ୟକ୍ତ କରିଛନ୍ତି। ଆଧାପିକା ଅଧାପକ, କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କ ଉପସ୍ଥିତିରେ ଏହି ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧାପକ ଆଶିଷ କୁମାର ସ୍ୱାଇଁ ଓ ଡ. ପ୍ରଶାନ୍ତ କୁମାର ପରିଡ଼ା ପ୍ରାରମ୍ଭିକ ସୂଚନା ଦେବା ସହ ପ୍ରାଚୀରପତ୍ରର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଏହା କଲେଜ ମୁଖପତ୍ର ‘ପ୍ରତିପଦ’ର ସୁଦୃଶ୍ୟ ପ୍ରକାଶନକୁ ପ୍ରେରଣା ଯୋଗାଇବ ବୋଲି ମତପ୍ରକାଶ ପାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧାପକ ପ୍ରଦୀପ କୁମାର ରାୟ, ସଞ୍ଜୟ କୁମାର ପଣ୍ଡା, ଡ. ମନୋଜ କୁମାର କର, ବିନାୟକ ସାହୁ, ସ୍ମରଣିକା ପ୍ରଧାନ, ଡ. ଦେବାଶିଷ କୁମାର ମଲ୍ଲିକ, ଅଞ୍ଜନ କୁମାର ନାୟକ, ଜିଜ୍ଞାସୁ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ୭ରେ ଭଦ୍ରକରେ ଆରମ୍ଭ ହେବ ଭାରତ ଯୋଡ଼ ଯାତ୍ରା

ଭଦ୍ରକ ଅଫିସ, ୫ା୧୧

କଂଗ୍ରେସର ଭାରତ ଯୋଡ଼ ଯାତ୍ରା ଆସନ୍ତା ୭ ତାରିଖ ସକାଳ ୮ଟାରେ ଭଦ୍ରକ ଜିଲାର ଆଖୁଆପଦା ନିକଟରେ ପହଞ୍ଚିବ। କଂଗ୍ରେସ ଜିଲା କମିଟି ସଭାପତି ସୁବ୍ରତ ଦାସ, କାର୍ଯ୍ୟକାରୀ ସଭାପତି ନଳିନୀକାନ୍ତ ମହାନ୍ତିଙ୍କ ସମେତ ଜିଲାର ସମସ୍ତ ନେତୃମଣ୍ଡଳୀ ଏଥିରେ ଆସିଥିବା ପିସିସି ସଭାପତି ଶରତ ପଟ୍ଟନାୟକ ଓ ଯାତ୍ରୀମାନଙ୍କୁ ସ୍ୱାଗତ କରିବେ। ଏହାପରେ ପଦଯାତ୍ରା ଆରମ୍ଭ ହେବ। ଧାମନଗରରେ ରାତ୍ରିଯାପନ କରିବା ପରେ ୮ତାରିଖ ସକାଳ ୮ ଟାରେ ପୁଣି ପଦଯାତ୍ରା କରିବେ। ଏହି ଜିଲାରେ ଯାତ୍ରା ସରିବା ପରେ ରାଣୀତାଲ ନିକଟରେ ବାଲେଶ୍ୱର ଜିଲାକୁ ପ୍ରବେଶ କରିବ। ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା କ୍ଷେତ୍ରରେ ସରକାରଙ୍କ ପ୍ରତାରଣା, ଆଇନଶୃଙ୍ଖଳା ପରିସ୍ଥିତିର ଅବନତି, ନିଶା କାରବାର ବୃଦ୍ଧି, ସାଳନ୍ଦୀ ସଂସ୍କାର ଯୋଜନାରେ ବ୍ୟାପକ ହରିଲୁଟ୍, ବୈତରଣୀ ନଦୀରେ ବାଲି ଚୋରା ଚାଲାଣରେ ଶାସକ ଦଳର ସମ୍ପୃକ୍ତି ଆଦି ପ୍ରସଙ୍ଗକୁ ଏହି ଯାତ୍ରା ସମୟରେ ପ୍ରାଧାନ୍ୟ ଦିଆଯିବ ବୋଲି ଜିଲା କଂଗ୍ରେସ କମିଟି ପକ୍ଷରୁ ଶନିବାର ଏକ ଖବରଦାତା ସମ୍ମିଳନୀରେ କୁହାଯାଇଛି।




ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତା।

ଜିଲା କାର୍ଯ୍ୟାଳୟରେ ଅହୂତ ଖବରଦାତା ସମ୍ମିଳନୀରେ କଂଗ୍ରେସର ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସ ଯୋଗଦେଇ ଓଡ଼ିଶାରେ ରାଜନୈତିକ ସତ୍ତାର ପରିବର୍ତ୍ତନ ପାଇଁ ଏହି ଯାତ୍ରା କରାଯାଉଥିବା କହିଥିଲେ। କୁଶାସନ ବିରୋଧରେ ଜନ ଜାଗରଣ ସୃଷ୍ଟି କରି କଂଗ୍ରେସକୁ ଓଡ଼ିଶାରେ ବିକଳ୍ପ ଶକ୍ତି ଭାବେ ଉଭା କରାଇବା ଏହି ପରିବର୍ତ୍ତନ ଯାତ୍ରାର ଲକ୍ଷ୍ୟ ବୋଲି ସେ ପ୍ରକାଶ କରିଥିଲେ। ଜିଲା ସଭାପତି ଦାସ, କାର୍ଯ୍ୟକାରୀ ସଭାପତି ମହାନ୍ତି, ଭାରତ ଯୋଡ଼ ଯାତ୍ରାର ସଂଯୋଜକ ଅସରାଫ ଅଲ୍ଲୀ ଖାନ, ରାଜନ ଲାହା, ଗୟାଧର ସେଠୀ, ପୀତବାସ ଧଳ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

## କୁକୁରା ମାଂସ ଜବତ, ଶିକାରୀ ଗିରଫ

ଠାକୁରମୁଣ୍ଡା,୫ା୧୧(ଡି.ଏନ.ଏ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଜୈବ ମଣ୍ଡଳ ଅନ୍ତର୍ଗତ କେନ୍ଦୁମୁଣ୍ଡି ରେଞ୍ଜ ଟୁଣିଆଗୁଟୁ ଜଙ୍ଗଲରୁ ବନ ବିଭାଗ ଶିକାର ଅଭିଯୋଗରେ ଜଣଙ୍କୁ ଗିରଫ କରିଛି। ତାଙ୍କ ନିକଟରୁ କୁଟୁରା ମାଂସ ଜବତ କରିଥିବା ଜଣାପଡ଼ିଛି। ଅଭିଯୁକ୍ତ ଜଣଙ୍କ ହେଲେ ଦୁଧିଆଣୀ ପଞ୍ଚାୟତ ଅନ୍ତର୍ଗତ କଦଳୀବାଡ଼ି ଗାଁର ଶ୍ରୀଧର ପିଙ୍ଗୁଆ(୩୦)। ଶନିବାର ତାଙ୍କୁ କୋର୍ଟଚାଲାଣ କରାଯାଇଥିବା ସୂଚନା ମିଳିଛି। ସୂଚନା ମୁତାବକ, କେନ୍ଦୁମୁଣ୍ଡି ରେଞ୍ଜରେ ଶିକାର ହୋଇଥିବା ଖବର ପାଇ ବନ୍ୟପ୍ରାଣୀ ଏସିଏଫ ଯଦୁମଣି କେରକେଟା, କେନ୍ଦୁମୁଣ୍ଡି ରେଞ୍ଜର ଦୁର୍ଗାଚରଣ ବାସ୍କେ, ଫରେଷ୍ଟର ହୃଷିକେଶ ବାରିକ, ଦୃତି ନାଏକ, ପଙ୍କଜ ବେହେରା ସମେତ ବନ୍ୟପ୍ରାଣୀ କର୍ମଚାରୀ ଚଢ଼ାଉ କରିଥିଲେ। ଜଙ୍ଗଲ ଭିତରୁ ଶିକାରୀଙ୍କୁ କାବୁ କରିବା ସହ ତାଙ୍କ ନିକଟରୁ ୨ କି.ଗ୍ରା ୨୫୦ ଗ୍ରାମ ଓଜନର କୁଟୁରା ମାଂସ ଓ କୁଟୁରାର ମୁଣ୍ଡକୁ ଜବତ କରିଥିଲେ। ଶିକାରରେ ବ୍ୟବହୃତ ଧନୁ ଓ ତୀର ମଧ ବନ ବିଭାଗ ଜବତ କରିଛି।

## ଦୁର୍ନୀତି ନିବାରଣ ସଚେତନ କଲେ ମହିଳା

କେନ୍ଦୁଝର,୫ା୧୧(ଡି.ଏନ୍.ଏ): ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ପରିପ୍ରେକ୍ଷୀରେ ଦୁର୍ନୀତି ନିବାରଣ ଅଭିଯାନରେ ମିଶନ ଶକ୍ତି ମହିଳା ସାମିଲ୍ ହୋଇଛନ୍ତି। ଜିଲାପାଳ ଆଶିଷ୍ ଠାକରେଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ଜିଲାର ୧୪ ଆଇସିଡିଏସ୍ ପ୍ରୋଜେକ୍ଟରୁ ଆସିଥିବା ମିଶନ ଶକ୍ତି ଅନ୍ତର୍ଗତ ଏସ୍ଏଚ୍‌ଜି ସଦସ୍ୟାମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରି ଦୁର୍ନୀତି ନିବାରଣ କିପରି ହୋଇପାରିବ, ସେ ସମ୍ପର୍କରେ ଜନ ସଚେତନତା ସୃଷ୍ଟି କରିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଅତିରିକ୍ତ ଜିଲାପାଳ ସୁଷମା ବିଲୁଙ୍ଗ୍ ଓ ଜିଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ଜୟଶ୍ରୀ ବେଉରା ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଜିଲା ସମାଜ କଲ୍ୟାଣ ଅଧିକାରୀ ଗୌରୀମଣି ହାଁସଦା, ଓରମାସ୍‌ର ଯୁଗ୍ମ ମୁଖ୍ୟ କାର୍ଯ୍ୟ ନିର୍ବାହୀ ସପନ ଗୋସ୍ୱାମୀ, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସଞ୍ଜୀବ ବାରିକ, ମିଶନ ଶକ୍ତିର ଜିଲା ପରିଚାଳକ ଶିଶିର ଷଡ଼ଙ୍ଗୀ, ପ୍ରୋଜେକ୍ଟ ଆକାଉଣ୍ଟାଣ୍ଟ ତୁଷାର ମହାଲିକ ପ୍ରମୁଖ ପରିଚାଳନା କରିଥିଲେ।

## ରାଜ୍ୟ ରାଜପଥରେ ଗର୍ଜିଲେ ଶିକ୍ଷକ



ସୋର-କୁପାରୀ ରାଜ୍ୟ ରାଜପଥରେ ଶିକ୍ଷକଙ୍କ ଶୋଭାଯାତ୍ରା।

ଖଇରା, ୫ା୧୧(ଡି.ଏନ.ଏ.)

ମିଳିତ ପ୍ରାଥମିକ ଶିକ୍ଷକ ମଞ୍ଚ (ନୂତନ ପେନସନ ଯୋଜନା ଭୁକ୍ତ), ଖଇରା ଶାଖା ପକ୍ଷରୁ ସରକାରଙ୍କ ଅବହେଳାକୁ ପ୍ରସଙ୍ଗ କରି ଶନିବାର ଶୋଭାଯାତ୍ରା ଓ ସମାବେଶ ଅନୁଷ୍ଠିତ ହୋଇଯାଇଛି । ଅନ୍ୟୁନ ୪ଶହ ଶିକ୍ଷକଙ୍କର ଏକ ଶୋଭାଯାତ୍ରା ବ୍ଲକ ଛକରୁ ବାହାରି ବିଇଓଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ସୁଶାନ୍ତ କୁମାର ମହାପାତ୍ରଙ୍କ ଆବାହକତ୍ୱରେ ଆୟୋଜିତ ଶିକ୍ଷକ ସମାବେଶରେ ଲମ୍ବୋଦର ଦାସ ସଭାପତିତ୍ୱ କରିଥିଲେ। ଶିକ୍ଷକ ନେତା ବନମାଳୀ ବାରିକ, ସୁଦର୍ଶନ ସେଠୀ, ନାରାୟଣ ପେଡା, କୈଳାସ ବେହେରା, ଉଦୟ ନାରାୟଣ ପାତ୍ର, ସନ୍ତୋଷ ବାରିକ, ନାରାୟଣ ମହାପାତ୍ର, ହଳଧର ସାହୁ, ଲକ୍ଷ୍ମଣ କୁମାର ସେନ, ପ୍ରଦୀପ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଏହି ବର୍ଗର ଶିକ୍ଷକଙ୍କୁ ୬ଟି ବର୍ଦ୍ଧିତ ଦରମା ପ୍ରଦାନ, ଗ୍ରେଡ ପେ ୨୨୦୦ରୁ ୨୮୦୦କୁ ବୃଦ୍ଧି, କନିଷ୍ଠ ଶିକ୍ଷକଙ୍କୁ ନିୟମିତ କରିବା, ନୂତନ ପେନସନ ଯୋଜନାକୁ ଉଚ୍ଛେଦ କରିବାକୁ ସମାବେଶରେ ଦାବି କରାଯାଇଥିଲା।

## ‘ସୁରଭି’ରେ ୩୨୦ ପ୍ରତିଯୋଗୀ



ବରି ହାଇସ୍କୁଲର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସର୍ବଧର୍ମ ସମନ୍ୱୟ ବାର୍ତ୍ତା।

ସିମୁଳିଆ, ୫ା୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଭାରତ ସେବାନିଧି ଉଚ୍ଚବିଦ୍ୟାଳୟ ପରିସରରେ ଶୁକ୍ରବାର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ‘ସୁରଭି’ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ୧୫୧ ସ୍କୁଲକୁ ନେଇ ଗଠିତ ୧୬ଟି କ୍ଲଷ୍ଟରରୁ ୩୨୦ଜଣ ପ୍ରତିଯୋଗୀ ଜୁନିଅର ଓ ସିନିୟର ବିଭାଗରେ ତର୍କ, ପ୍ରବନ୍ଧ, ବକ୍ତୃତା, ସୃଜନ ଲିଖନ, ଚିତ୍ରାଙ୍କନ, କୁଇଜ, କଣ୍ଠ ସଙ୍ଗୀତ, ହସ୍ତାକ୍ଷର ଓ ଗ୍ରୁପ ଡ୍ୟାନ୍ସ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ବିଭିନ୍ନ ବିଭାଗରେ କୃତୀମାନଙ୍କୁ ପୁରସ୍କୃତ କରାଯିବା ସହିତ ପ୍ରଥମ ହୋଇଥିବା ପ୍ରତିଯୋଗୀ ଜିଲାସ୍ତରୀୟ ସୁରଭିରେ ଅଂଶଗ୍ରହଣ କରିବେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ମହାଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ ଗୁରୁକୁଳ ଶିକ୍ଷାର ଗନ୍ତାଘର, ଛାତ୍ରୀଛାତ୍ରମାନେ ଏହାକୁ ବ୍ୟବହାର କରି ଶିକ୍ଷିତ ହେବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଜୟ କୁମାର ପଣ୍ଡା ଯୋଗଦେଇ ପ୍ରତ୍ୟେକ ଶିଶୁର ଆଗ୍ରହ ଅନୁସାରେ ଶିକ୍ଷା ଯୋଗାଇଦେଲେ ତାହା ଉନ୍ନତିର ପ୍ରେରଣା ଯୋଗାଏ ବୋଲି କହିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷ ବାବାଜୀ ଚରଣ ମଲିକ, ବିଦ୍ୟାଳୟ ପରିଚାଳନା ସଭାପତି ବରେନ୍ଦ୍ରନାଥ ଖିଲାର, ସରପଞ୍ଚ ମନୋରମା ବେହେରା, ଜୟନ୍ତ ନାୟକ, ଗଦାଧର ଦାସ, ରମେଶ ଚନ୍ଦ୍ର ସାହୁ, ସିନ୍ଧୁ ଶଙ୍କର ପଣ୍ଡିତ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ପାଣିଗ୍ରାହୀ, ଶିକ୍ଷକ ବନମାଳୀ ନାୟକ ଓ ବିଶ୍ୱମ୍ଭର ପଣ୍ଡା ମଞ୍ଚ ସଞ୍ଚାଳନା ଓ ପ୍ରଧାନ ଶିକ୍ଷକ ଜେନାଲ ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ବରି ହାଇସ୍କୁଲର ଛାତ୍ରୀଛାତ୍ରଙ୍କ ଦ୍ୱାରା ମଞ୍ଚସ୍ଥ ସାଂସ୍କୃତିକ କାର୍ଯ୍ୟକ୍ରମ ସର୍ବଧର୍ମ ସମନ୍ୱୟ ବାର୍ତ୍ତା ପ୍ରଥମ ହୋଇଥିଲା।

## ସୀମାନ୍ତରେ ଆମ୍ବୁଲାନ୍ସ ସେବା ଲୋକାର୍ପିତ

ଭୋଗରାଇ, ୫ା୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସୀମାନ୍ତବାସୀ ଏଣିକି ଜରୁରୀକାଳୀନ ରୋଗୀ ପରିବହନ ସେବାର ସମସ୍ୟା ରହିବ ନାହିଁ। ଭୋଗରାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୁଇଟି ଓ କମର୍ଦ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୋଟିଏ ଆମ୍ବୁଲାନ୍ସ ରହିଥିବାରୁ ୫୦ ପଞ୍ଚାୟତର ସାଢ଼େ ୩ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କର ରୋଗୀ ପରିବହନ ସେବାର ଘୋର ସମସ୍ୟା ଦେଖାଯାଇଥିଲା। ଓଡ଼ିଶା ସୀମାନ୍ତ ସୋହରିଆ ପଞ୍ଚାୟତରେ ଶନିବାର ଗ୍ରୀନ ଏନର୍ଜି ଡେଭଲପମେଣ୍ଟ ଅଫ୍ ଓଡ଼ିଶା ପକ୍ଷରୁ ଏକ ଆମ୍ବୁଲାନ୍ସ ଜରୁରୀକାଳୀନ ସେବାକୁ ଉଦ୍‌ଘାଟନ କରିଛନ୍ତି ବରିଷ୍ଠ ସାମାଜିକ କର୍ମୀ ଭଜହରି ସେଠୀ। ଏହି ଅବସରରେ ଭୋଗରାଇ ବିଡିଓ ଶଙ୍କର କୁମାର ପଟ୍ଟନାୟକ, ତହସିଲଦାର କମଳାକାନ୍ତ ପଣ୍ଡା, ବ୍ଲକ ଚେୟାରମ୍ୟାନ୍ ପ୍ରବୀର କୁମାର ଗିରି, ସାମାଜିକ କର୍ମୀ ସରୋଜ କୁମାର ବେହେରା, ହରିହର ମଣ୍ଡଳ, ସର୍ବେଶ୍ୱର ପ୍ରଧାନ, ସରପଞ୍ଚ ଜଗନ୍ନାଥ ସେଠୀ, ସମିତିସଦସ୍ୟ ସୁଜାତା ସାହୁ, ଅବସରପ୍ରାପ୍ତ ଅଧ୍ୟାପକ ଉମେଶ ଚନ୍ଦ୍ର ପାତ୍ର, ଜିଲା ପରିଷଦ ସଦସ୍ୟା ନିବେଦିତା ମହାନ୍ତି ପ୍ରମୁଖ ସୋହରିଆ ବ୍ୟତୀତ ଆଖପାଖ ପଞ୍ଚାୟତର ସୀମାନ୍ତବାସୀ ଆମ୍ବୁଲାନ୍ସ ସେବାର ସଦୁପଯୋଗ ଉପରେ ଆଲୋକପାତ କରିଥିଲେ।

## ୩୫୦ ଦିବ୍ୟାଙ୍ଗଙ୍କୁ ବଣ୍ଟାଗଲା ସ୍ମାର୍ଟକାର୍ଡ

ବାରିପଦା ଅଫିସ,୫ା୧୧-ବାରିପଦା ପୌର ପରିଷଦ ପକ୍ଷରୁ ଶନିବାର ପେନ୍‌ସନ ଓ ଦିବ୍ୟାଙ୍ଗ ସ୍ମାର୍ଟକାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୌରପାଳିକା କଲ୍ୟାଣ ମଣ୍ଡପରେ ପୌରାଧକ୍ଷ କୃଷ୍ଣାନନ୍ଦ ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ବିନୀତ ଭରଦ୍ୱାଜ ମୁଖ୍ୟଅତିଥି ଭାବେ ହିତାଧିକାରୀଙ୍କୁ ପେନ୍‌ସନ ଓ ସ୍ମାର୍ଟ କାର୍ଡ ବଣ୍ଟନ କରିଛନ୍ତି। ୨୮ ୱାର୍ଡରେ ୩୫୦ ଦିବ୍ୟାଙ୍ଗଙ୍କୁ ସ୍ମାର୍ଟ କାର୍ଡ ଓ ୧୯୮ ଜଣଙ୍କୁ ମଧୁବାବୁ ପେନ୍‌ସନ ପ୍ରଦାନ କରାଯାଇଛି। ପୌର ନିର୍ବାହୀ ଅଧିକାରୀ ବସନ୍ତ ସେଠୀ, ଉପନଗରପାଳ ସୀମା ଦାସ, ପୂଜା ତରେଇ, ଅମ୍ବିକା ସାହୁ, ପ୍ରଶାନ୍ତ ବେହେରା, ପୂଜା ଶର୍ମା, ବିବେକାନନ୍ଦ ପଟ୍ଟନାୟକ, ଦେବାଶିଷ ପାତ୍ରଙ୍କ ସମେତ ସମସ୍ତ କାଉନସିଲର ଉପସ୍ଥିତ ଥିଲେ।

## ମହିଳାଙ୍କ ଅସ୍ୱାଭାବିକ ମୃତ୍ୟୁ

ଗୋପବନ୍ଧୁନଗର, ୫ା୧୧(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ତଥା ଗୋପବନ୍ଧୁନଗର ବ୍ଲକ ଅଧୀନ ସାଇଁକୁଲା ଗ୍ରାମରେ ଶୁକ୍ରବାର ରାତିରେ ଉର୍ମିଳା ଦଳେଇ ନାମ୍ନୀ ମହିଳାଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ଗ୍ରାମରେ ଜଗଦ୍ଧାତ୍ରୀ ପୂଜା ମଣ୍ଡପ ନିକଟରେ ମେଲୋଡ଼ି ଦେଖିବାକୁ ଯାଇଥିବା ବେଳେ ସେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଉଦଳା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୬୪/୨୨) ରୁଜୁ କରିଛି। କୁଆମରା ଫାଣ୍ଡି ଅଧିକାରୀ ବିବି ସ୍ୱାଇଁ ତଦନ୍ତ କରୁଥିବା ବେଳେ ହୃଦ୍‌ଘାତରେ ଉର୍ମିଳାଙ୍କ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି।

## ପ୍ରସ୍ତାବିତ ମିନିଷ୍ଟାଡିୟମ ସ୍ଥାନ ପରିଦର୍ଶନକଲା ଟିମ୍

ପାଟଣା,୫ା୧୧(ସ୍ୱ.ପ୍ର.)

କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ ଉପାନ୍ତ ଅଞ୍ଚଳ ରାଇଡ଼ିହା ପଞ୍ଚାୟତ ଶିଆଳିଯୋଡ଼ା ଗ୍ରାମରେ ବ୍ଲକ୍‌ସ୍ତରୀୟ ମିନି ଷ୍ଟାଡ଼ିୟମ ନିର୍ମାଣ ହେବ। ଏ ନେଇ ନିର୍ବାଚିତ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀସ୍ତରରେ ନିଷ୍ପତ୍ତି ହୋଇଛି। ଶନିବାର ପାଟଣା ବିଧାୟକ ଜଗନ୍ନାଥ ନାଏକଙ୍କ ନେତୃତ୍ୱରେ ଏକ ଟିମ ଶିଆଳିଯୋଡ଼ା ପ୍ରସ୍ତାବିତ ଷ୍ଟାଡ଼ିୟମ ପଡ଼ିଆ ପରିଦର୍ଶନ କରିଛନ୍ତି। ଟିମ୍‌ରେ ସାହାରପଡ଼ା ବ୍ଲକ୍ ଅଧକ୍ଷା ରୀନା ନାୟକ, ଉପାଧକ୍ଷା ଛବିରାଣୀ ସେଠୀ, ବିଡିଓ ବିଜୟ ନାୟକ, ୨୯ ନଂ. ଜିଲା ପରିଷଦ ସଦସ୍ୟ ବୁଦ୍ଧଦେବ ମହାକୁଡ଼ ଓ ୩୦ ନଂର ଚମ୍ପାବତୀ ଗୁଡୁଙ୍କ ସହ ସହକାରୀ ଯନ୍ତ୍ରୀ ତପନ ପଲେଇ ଓ ଯନ୍ତ୍ରୀ ସାମିଲ ଥିଲେ। ସୂଚନା ଯେ, ଜିଲା କ୍ରୀଡ଼ା ବିଭାଗ ଷ୍ଟାଡିୟମ ନିମନ୍ତେ ୨୦ ଲକ୍ଷ ଟଙ୍କା ମଞ୍ଜୁର କରିଥିବା ବେଳେ ବିଧାୟକ ତାଙ୍କ ହାତ ପାଣ୍ଠିରୁ ୫ ଲକ୍ଷ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।



ବିଧାୟକଙ୍କ ସହ ଟିମ୍ ସଦସ୍ୟ।

## ଆଉ ଜଣେ ଗିରଫ,୩.୭ ଲକ୍ଷ ଜବତ

**କାସିମପୁରରୁ ୧୦ କି.ଗ୍ରା. ବ୍ରାଉନସୁଗାର ଜବତ ମାମଲା**

ବାଲେଶ୍ୱର ଅଫିସ, ୫ା୧୧

ବାଲେଶ୍ୱର ସହର ଫୁଲାଡିସ୍ଥିତ କାସିମପୁର ନିକଟସ୍ଥ ପଡ଼ିଆରୁ ଗତ ଅକ୍ଟୋବର ୨୮ ତାରିଖରେ ରାଜ୍ୟର ସର୍ବାଧିକ ପରିମାଣର ୧୦ କି.ଗ୍ରା. ବ୍ରାଉନ୍‌ସୁଗାର ଜବତ କରାଯାଇଥିଲା। ଏହି ମାମଲାରେ ସମ୍ପୃକ୍ତ ଆଉ ଜଣେ ସହଯୋଗୀଙ୍କୁ ଶନିବାର ଗିରଫ କରାଯାଇଛି। ସେ ହେଲେ କଟକ ଜିଲା ମଙ୍ଗଳାବାଗ ଥାନା ମାଳିସାହି ଅଞ୍ଚଳର ରାକେଶ କୁମାର ନଉଲଖା। ତାଙ୍କ ନିକଟରୁ ୩ଲକ୍ଷ ୭୦ହଜାର ଟଙ୍କା, ଟଙ୍କା ଗଣା ମେଶିନ୍, ୩ ମୋବାଇଲ ଫୋନ୍, ପାସପୋର୍ଟ ଏବଂ ବିଭିନ୍ନ ମୂଲ୍ୟବାନ କାଗଜପତ୍ର ସହ ଟଙ୍କା ନେଉଥିବା ବ୍ୟାଗ୍ ଜବତ କରାଯାଇଛି। ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ବେଳେ ଉକ୍ତ ଘଟଣାରେ ଅଧିକ ତଦନ୍ତ ଜାରି ରହିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

ସହଦେବଖୁଣ୍ଟା ଥାନା ଅଧୀନ କାସିମପୁର ନିକଟସ୍ଥ ପଡ଼ିଆରେ ବ୍ରାଉନ୍‌ସୁଗାର କାରବାର ବେଳେ ପୋଲିସ ଖବରପାଇ ଚଢ଼ାଉ କରିଥିଲା। ଘଟଣାସ୍ଥଳରୁ ଆନ୍ତଃରାଜ୍ୟ ବ୍ରାଉନ୍‌ସୁଗାର ବେପାରୀ ଆୟୁବ (୫୨)ଙ୍କ ସହ ସ୍ଥାନୀୟ ଅଞ୍ଚଳର ୫ଜଣ ବ୍ୟବସାୟୀଙ୍କୁ ଗିରଫ କରାଯାଇଥିଲା। ଏନେଇ ସହଦେବଖୁଣ୍ଟା ଥାନାରେ ମାମଲା (ନଂ ୩୫୨/୨୨) ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଉକ୍ତ ମାମଲାର ଅଧିକ ତଦନ୍ତ ଜାରି ରହିଛି। ଆୟୁବ ଦୀର୍ଘଦିନ ଧରି ମଧ୍ୟପ୍ରଦେଶ ଓ ଓଡ଼ିଶାରେ ବ୍ରାଉନ୍‌ସୁଗାର କାରବାର କରିଆସୁଥିଲେ। ବିଭିନ୍ନ ସମୟରେ ବାଲେଶ୍ୱରକୁ ଆସୁଥିଲେ। ଟଙ୍କା ନେଣଦେଣ ବ୍ୟାଙ୍କ ମାଧ୍ୟମରେ ନ କରି ନିଜ ଦ୍ୱାରା ତିଆରି କରାଯାଇଥିବା ର୍‍ୟାକେଟ୍ ସହଯୋଗରେ ଜାରି ରଖିଥିଲେ। ସେଥିରେ କଟକର ଜଣେ ଦମ୍ପତି ମୁଖ୍ୟ ଥିଲେ। ଦମ୍ପତିଙ୍କ ମଧ୍ୟରେ ରାକେଶଙ୍କୁ ଶନିବାର ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଆୟୁବ ମାଧ୍ୟମରେ ଆସୁଥିବା ବ୍ରାଉନ୍‌ସୁଗାରକୁ ରାକେଶ କଟକରେ ରହି ଓଡ଼ିଶାର ବିଭିନ୍ନ ସ୍ଥାନକୁ ପଠାଇବା ସହ ଟଙ୍କା ନେଣଦେଣ କାରବାରରେ ସମ୍ପୃକ୍ତ ରହିଥିବା ସହଦେବ ଖୁଣ୍ଟା ଥାନାଧିକାରୀ ଶୁଭ୍ରାଂଶୁ ନାୟକ ସୂଚନା ଦେଇଛନ୍ତି।



ଗିରଫ ଅଭିଯୁକ୍ତ ଓ ଜବତ ସାମଗ୍ରୀ।


**FORM A**
**PUBLIC ANNOUNCEMENT**

(Under Regulation 6 of the Insolvency and Bankruptcy Board of India (Insolvency Resolution Process for Corporate Persons) Regulations, 2016)

**FOR THE ATTENTION OF THE CREDITORS OF MAA MANASHA DEVI ALLOYS PRIVATE LTD**

**RELEVANT PARTICULARS**

| | | |
|---|---|---|
| 1. | Name of the Corporate Debtor | MAA MANASHA DEVI ALLOYS PRIVATE LTD. |
| 2. | Date of incorporation of corporate debtor | 23/09/2005. |
| 3. | Authority under which corporate debtor is incorporated / registered | ROC, Cuttack |
| 4. | Corporate Identity No. / Limited Liability Identification No. of corporate debtor | U27101OR2005PTC8365. |
| 5. | Address of the registered office and principal office (if any) of corporate debtor | PLOT NO-783(D), Bhubaneswar-751015 (Odisha) |
| 6. | Insolvency commencement date in respect of corporate debtor | 31-10-2022. |
| 7. | Estimated date of closure of insolvency resolution process | 26.04.2023. |
| 8. | Name and registration number of the insolvency professional acting as interim resolution professional | CMA (Dr) Suresh Chandra Mohanty, IBBI/IPA-003/IP-N00335-CO1/2019-2020/12804 |
| 9. | Address and e-mail of the interim resolution professional, as registered with the Board | Plot No-370/1861/2157, Shakti Bhavan Vision Care Eye Hospital, At- PATIA, Po- KIIT, Bhubaneswar-751024 TEL (0674)- 2745605, CELL : 09437205605 **Email : mohantysc@gmail.com** |
| 10. | Address and e-mail to be used for correspondence with the interim resolution professional | Plot No-370/1861/2157, Shakti Bhavan Vision Care Eye Hospital, At- PATIA, Po- KIIT, Bhubaneswar-751024 TEL (0674)- 2745605, CELL : 09437205605 **Email : mohantysc@gmail.com** |
| 11. | Last date for submission of claims | 14-11-2022. |
| 12. | Classes of creditors, if any, under clause (b) of sub-section (6A) of section 21, ascertained by the interim resolution professional | Operational Creditors. |
| 13. | Names of Insolvency Professionals identified to act as Authorized Representative of creditors in a class (Three names for each class) | N .A |
| 14. | (a) Relevant Forms and (b) Details of authorized representatives are available at: | Web link:www.ibbi.gov.in/downloadform.html..... Physical Address: As stated at SL No 10. |

Notice is hereby given that the National Company Law Tribunal has ordered the commencement of a corporate insolvency resolution process of the **MAA MANASHA DEVI ALLOYS PRIVATE LTD** on 31-10-2022.
The creditors of **MAA MANASHA DEVI ALLOYS PRIVATE LTD** are hereby called upon to submit their claims with proof on or before 14-11-2022 to the interim resolution professional at the address mentioned against entry No. 10.
The financial creditors shall submit their claims with proof by electronic means only. All other creditors may submit the claims with proof in person, by post or by electronic means.
A financial creditor belonging to a class,as listed against the entry No. 12, shall indicate its choice of authorized representative from among the three insolvency professionals listed against entry No.13 to act as authorized representative of the class [specify class] in Form CA.
Submission of false or misleading proofs of claim shall attract penalties.

**(CMA (Dr) Suresh Chandra Mohanty )**
Name and Signature of Interim Resolution Professional :
Date : 04-11-2022
Place : Bhubaneswar

## ସଂକ୍ଷେପରେ

### 'ଛାତ୍ରୀଛାତ୍ରଙ୍କୁ ସଂସ୍କାରମୂଳକ ଶିକ୍ଷା ଜରୁରୀ'

ବାହାନଗା, ୫।୧୧(ଡି.ଏନ.ଏ.)-ବାଲେଶ୍ୱର ଜିଲା ବାହାନଗା ବ୍ଲକସ୍ତରୀୟ ସୁରଭି ମହୋତ୍ସବ ଗିଳିଦା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷ ବିଶ୍ୱନାଥ ମିଶ୍ର ଯୋଗଦେଇ ଶିକ୍ଷୟିତ୍ରୀଶିକ୍ଷକମାନେ ଛାତ୍ରୀଛାତ୍ରଙ୍କୁ ସଂସ୍କାରମୂଳକ ଶିକ୍ଷା ପ୍ରଦାନ କଲେ ସେ ଜଣେ ଉତ୍ତମ ମଣିଷ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏଥିରେ ବାହାନଗା ବିଇଓ ନାରାୟଣ ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ପ୍ରଧାନଶିକ୍ଷକ ପ୍ରଭାକର ମିଶ୍ର ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ଗୁଣକୁ ସୁରଭି ମାଧମରେ ଉଜ୍ଜୀବିତ କରାଯିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଆରସିସି ତଥା ସହକାରୀ ଶିକ୍ଷାଧିକାରୀ ରୋହିଆ ଟୁଡୁ, ଅନ୍ୟତମ ସହକାରୀ ଶିକ୍ଷାଧିକାରୀ ରବିନାରାୟଣ ପଣ୍ଡା, ଗିଳିଦା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସନାତନ ଶିଅଳ ପ୍ରମୁଖ ଯୋଗ ଦେଇଥିଲେ। ଜୁନିଅର ବିଭାଗରୁ ମୋଟ ୮ଜଣଙ୍କୁ ମନୋନୀତ କରାଯାଇଥିବା ବେଳେ ସିନିୟର ବିଭାଗରୁ ୮ ଜଣ ଜିଲାସ୍ତରକୁ ମନୋନୀତ ହୋଇଛନ୍ତି । ଉଦଯାପନୀ ଉତ୍ସବରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ୧୮ ନମ୍ବର ଜୋନର ଜିଲାପରିଷଦ ସଭ୍ୟ ନିଳାମ୍ବର ମହାଳିକ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ସେହିପରି ୨୦ ନମ୍ବର ଜୋନର ଜିଲା ପରିଷଦ ସଭ୍ୟ ଶିଶିର କୁମାର ଅଗସ୍ତି ଯୋଗ ଦେଇଥିଲେ। ସହକାରୀ ଶିକ୍ଷକ ଶ୍ରୀକାନ୍ତ ଦାସ ପରେ ଧନ୍ୟବାଦ ଦେଇଥିଲେ।

### ବିଦ୍ୟାଳୟରେ ଦୁର୍ନୀତି ନିବାରଣ ସପ୍ତାହ ପାଳିତ

ସୋର, ୫।୧୧-ସୋର ବ୍ଲକ ଗୋପୀନାଥପୁର ପଞ୍ଚାୟତ ମଙ୍ଗଳପୁରସ୍ଥ ଶ୍ରୀନିବାସ ଉଚ୍ଚ ମାଧମିକ ବିଦ୍ୟାଳୟ ପରିସରରେ ଶନିବାର ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହୋଇଯାଇଛି। ଅଧକ୍ଷ ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ଅଧକ୍ଷତାରେ ସର୍ବପ୍ରଥମେ ଅଧାପିକାଅଧାପକ ଓ ଛାତ୍ରୀଛାତ୍ରୀମାନଙ୍କୁ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସାଧୁତା, ସଚ୍ଚୋଟତା ଅବଲମ୍ବନ କରିବା ପାଇଁ ଶପଥପାଠ କରାଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦୁର୍ନୀତି ବିରୋଧରେ ସଚେତନତା ସୃଷ୍ଟି କରିବା ପାଇଁ ବକ୍ତୃତା ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତା କରାଯାଇ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଜଗଦୀଶ ଚନ୍ଦ୍ର ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ସମ୍ବିତ କୁମାର ମଲିତା, ରଞ୍ଜିତା ବାଳା ମହାପାତ୍ର, ସନ୍ଧ୍ୟାରାଣୀ ଜେନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ପୁଷ୍ପଲତା ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

### ଆଦର୍ଶ ଶିକ୍ଷକଙ୍କ ସ୍ମୃତିଚାରଣ

ଚାନ୍ଦବାଲି,୫।୧୧(ଡି.ଏନ.ଏ.)-ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ଆଦର୍ଶ ଶିକ୍ଷକ ସ୍ୱର୍ଗତ ରବୀନ୍ଦ୍ର ନାୟକଙ୍କ ଏକାଦଶାହରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଭାସ୍କର ଉପାଧ୍ୟାୟଙ୍କ ସଭାପତିତ୍ୱରେ ମୂଳ କାଏମା ଗ୍ରାମରେ ଆୟୋଜିତ ଏହି ସଭାରେ ଶିକ୍ଷକ ସମନ୍ୱୟ ସମିତିର ସଭାପତି ପ୍ରଫୁଲ୍ଲ ଦାସ, ସଞ୍ଜୟ ଦଳେଇ, ଅଶୋକ ଦାସ, ଦେବବ୍ରତ ରାଉତ, ପ୍ରମୋଦ ତ୍ରିପାଠୀ, କମଳାକାନ୍ତ ପତି, ଶିବବ୍ରତ ରାଉତ, ସୁଶାନ୍ତ ମଲ୍ଲିକ, ପୀତାମ୍ବର ରାଉତ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ନାୟକଙ୍କ ସ୍ମୃତିଚାରଣ କରିଥିଲେ। ଦିବଂଗତ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ତାଙ୍କ ପୁତ୍ର ପ୍ରିୟନାଥ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ୭୧ ଅବସରପ୍ରାପ୍ତ ଶିକ୍ଷକଙ୍କୁ ନିଯୁକ୍ତି

କେନ୍ଦୁଝର,୫।୧୧(ସ୍ୱ.ପ୍ର.): କେନ୍ଦୁଝର ଜିଲା ଶିକ୍ଷା ଅଧିକାରୀ ୨୦୨୨-୨୩ ଶିକ୍ଷା ବର୍ଷ ପାଇଁ ୭୧ ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କୁ ଅତିଥି ଶିକ୍ଷକ ଭାବେ ନିଯୁକ୍ତି ଦେଇଛନ୍ତି। ସରକାରୀ ବିଦ୍ୟାଳୟରେ ୧୪ ଜଣ, ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ୨୩ ଜଣ ଏବଂ ନୂତନ ଅନୁଦାନ ପ୍ରାପ୍ତ ଉଚ୍ଚ ବିଦ୍ୟାଳୟରେ ୩୪ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। କେନ୍ଦୁଝର ଜିଲାରେ ସରକାରୀ, ଅନୁଦାନପ୍ରାପ୍ତ ଏବଂ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ବହୁ ଶିକ୍ଷକ ପଦବୀ ଖାଲିପଡ଼ିଛି। ସରକାର ନିକଟରେ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି କରିଥିଲେ ହେଁ ଅନୁଦାନପ୍ରାପ୍ତ ଏବଂ ନୂତନ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟରେ ପଦବୀ ପୂରଣ ହୋଇନି। ଏହାକୁ ଦୃଷ୍ଟିରେ ରଖି ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ପକ୍ଷରୁ ଅବସରପ୍ରାପ୍ତ ଶିକ୍ଷକଙ୍କୁ ଅତିଥି ଶିକ୍ଷକ ଭାବେ ନିଯୁକ୍ତି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅତିଥି ଶିକ୍ଷକମାନଙ୍କୁ ମାସିକ ୧୨ ହଜାର ଟଙ୍କା ପାରିଶ୍ରମିକ ଆକାରରେ ଦିଆଯିବ। ଆଗକୁ ବିଭିନ୍ନ ପରୀକ୍ଷା ପାଇଁ ବିଦ୍ୟାଳୟରେ ପାଠପଢ଼ା ଠିକ୍ ହେବା ସହ ଛାତ୍ରଛାତ୍ରୀମାନେ ନିଜକୁ ପ୍ରସ୍ତୁତ କରିପାରିବେ ବୋଲି ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ କହିଛନ୍ତି।

# ତ୍ରୁଟିପୂର୍ଣ୍ଣ ରାସ୍ତା ନେଉଛି ଜୀବନ



ଜାତୀୟ ରାଜପଥ ୨୦।

**ଘଣ୍ଟଘୋଡ଼ାଉଛି ଜାତୀୟ ରାଜପଥ ପ୍ରାଧିକରଣ**

**ଅବଧି ସରିଥିଲେ ବି କାମ ସରୁନି**

କେନ୍ଦୁଝର,୫।୧୧(ସ୍ୱ.ପ୍ର.)

କେନ୍ଦୁଝରର ଲାଇଫ୍ ଲାଇନ୍ କୁହାଯାଉଥିବା ଜାତୀୟ ରାଜପଥ ୨୦ର ଅସମ୍ପୂର୍ଣ୍ଣ କାମ ମରଣଯନ୍ତା ପାଲଟିଛି। ଦୀର୍ଘ ବର୍ଷ ହେଲା ଏହାର ବକେୟା କାମ ସରିବାରେ ବିଳମ୍ବ ହେଉଥିବାରୁ ଲୋକଙ୍କ ଯାତାୟାତରେ ବ୍ୟାଘାତ ହେବା ସହିତ ଦୁର୍ଘଟଣା ଘଟୁଛି। ତ୍ରୁଟିପୂର୍ଣ୍ଣ ରାସ୍ତା ପାଇଁ ଗତ ଗୁରୁବାର ବଡ଼ପଣି ଗ୍ରାମ ନିକଟରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟି ୪ ଜଣଙ୍କର ମୃତ୍ୟୁ ଘଟିଥିଲା। ରାସ୍ତା କାମ ସରୁ ନ ଥିବାରୁ ଗୋଟିଏ ଲେନ୍‌ରେ ଗାଡ଼ି ଚଳାଚଳ କରିବା ଦ୍ୱାରା ଏଭଳି ଦୁର୍ଘଟଣା ଘଟିଥିଲା ବୋଲି ଅଭିଯୋଗ ହେଉଛି।

ପ୍ରକାଶ ଯେ, ଜାତୀୟ ରାଜପଥର ଅସମ୍ପୂର୍ଣ୍ଣ କାମ ସାରିବା ପାଇଁ ୨୦୨୧ ମସିହାରେ ଟେଣ୍ଡର ହୋଇଥିଲା। ଏହାକୁ ୧୪୬ କୋଟି ୪୩ ଲକ୍ଷ ଟଙ୍କାରେ ଏଆରଏସଏସ କମ୍ପାନୀ ହାତକୁ ନେଇଥିଲା। ଏହି କାମକୁ ୧୧ ମାର୍ଚ୍ଚ ୨୦୨୨ରେ ଶେଷ କରିବା ପାଇଁ ଟେଣ୍ଡର ଏଗ୍ରିମେଣ୍ଟ ହୋଇଥିଲା। ପରବର୍ତ୍ତୀ ସମୟରେ ନିର୍ଦ୍ଧାରିତ ସମୟରେ କାମ ଶେଷ ନ ହେବାରୁ ୩୧ ଅକ୍ଟୋବର ୨୦୨୨ ପର୍ଯ୍ୟନ୍ତ ସମୟସୀମା ବୃଦ୍ଧି ହୋଇଥିଲା। ସମୁଦାୟ ୨୧ କିଲୋମିଟର ରାସ୍ତା ଓ ସର୍ଭିସ୍ ରୋଡ୍ ସହିତ ପୋଲ ନିର୍ମାଣ କରିବା ପାଇଁ ଚୁକ୍ତିନାମାରେ ଉଲ୍ଲେଖ ରହିଛି। ତେବେ ଧାର୍ଯ୍ୟ ସମୟ ମଧ୍ୟରେ ୮୨ ପ୍ରତିଶତ କାମ କରି କମ୍ପାନୀ ୧୨୦ କୋଟି ୪୫ ଲକ୍ଷ ଟଙ୍କା ନେଇଥିବା ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ତେବେ ବାସ୍ତବରେ ଦର୍ଶାଯାଇଥିବା ପ୍ରତିଶତ କାମଠାରୁ କମ କାମ ହୋଇଥିବା ଅଭିଯୋଗ ହୋଇଛି। ଏବେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ରାସ୍ତା, ପୋଲ ଏବଂ ସର୍ଭିସ ରୋଡ୍ କାମ ସରିନାହିଁ। କାମ ହେଉଥିବା ସ୍ଥାନମାନଙ୍କରେ ଲୋକଙ୍କ ସୁରକ୍ଷାକୁ ଦୃଷ୍ଟି ଦେଇ ସୁରକ୍ଷା ବାଡ଼, ସୂଚନା ଫଳକ ଆଦି ଦିଆଯାଉ ନ ଥିବା ଏବଂ ଉପଯୁକ୍ତ ତଦାରଖ ଅଭାବରୁ କାମର ମାନ ଠିକ୍ ରହୁ ନ ଥିବା ଅଭିଯୋଗ ହେଉଛି। ଏ ନେଇ ଉକ୍ତ ଠିକା ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ପ୍ରଶାସନ ସୁରକ୍ଷା ଦେଉଛି। କାମର ମାନ ଯାଞ୍ଚ କରୁ ନ ଥିବା କିମ୍ବା ଠିକ୍ ତଦାରଖ କରୁ ନ ଥିବା ଅଭିଯୋଗ ହୋଇଛି। ବରଂ ସୁରକ୍ଷା ଦେଇ କାମ ଅବଧି ସୀମାକୁ ବଢ଼ାଇବାରେ ଲାଗିଛନ୍ତି। ଏନଏଚ୍‌ଏଆଇ ମଧ୍ୟ କମ୍ପାନୀ ଉପରେ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ଜନ ଅସନ୍ତୋଷ ବୃଦ୍ଧି ପାଉଛି। ଏ ନେଇ ଏନ୍‌ଏଚ୍‌ଏଆଇର ପ୍ରକଳ୍ପ ନିର୍ଦ୍ଦେଶକ ଏସ୍ ରାଓ କହିଛନ୍ତି ଯେ, ରାସ୍ତା କାମ ଚାଲିଥିବାରୁ ଗୋଟିଏ ପାର୍ଶ୍ୱରେ ଗାଡ଼ି ଚଳାଚଳ କରୁଥିଲା। ଏହି ଘଟଣାକୁ ନେଇ ଚିଠି କରାଯାଇ ଦୁର୍ଘଟଣା ଓ କାମ ସମ୍ପର୍କରେ ତଥ୍ୟ ମଗାଯାଇଛି। ତଥ୍ୟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏ ନେଇ ଏଆରଏସ୍‌ଏସ୍‌ର ଅଧିକାରୀ ନୀହାର ଦାଶଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ଫୋନ୍ ନ ଉଠାଇବାରୁ ମତାମତ ମିଳିପାରିନାହିଁ।

ଅନ୍ୟପକ୍ଷେ ୪ ଲେନ୍ ବିଶିଷ୍ଟ ଏହି ରାସ୍ତାରେ ଉଭୟ ପାର୍ଶ୍ୱରୁ ଗାଡ଼ି ଚଳାଚଳ ହେଉଥିଲା। ମରାମତି ଆଳରେ ଗୋଟିଏପଟ ରାସ୍ତାକୁ ବନ୍ଦ କରିଦିଆଯାଇଛି। ଫଳରେ ଏକ ସପ୍ତାହରୁ ଅଧିକ ହେଲା ଅନ୍ୟପାର୍ଶ୍ୱ ରାସ୍ତାରେ ଗାଡ଼ି ଯିବା ଆସିବା କରୁଥିଲା। ତେବେ ରାସ୍ତା ଅବରୋଧ ନେଇ ଅନୁମତି ନିଆଯାଇଛି କି ନାହିଁ ଏବଂ ସେଭଳି କ୍ଷେତ୍ରରେ ଏନ୍‌ଏଚ୍‌ଏଆଇର ଗାଇଡ୍‌ଲାଇନ ପାଳନ ହୋଇଛି କି ନାହିଁ ତଦନ୍ତ ହେବା ଜରୁରୀ ବୋଲି ଆଇନଜୀବୀ ସୁରଜ ମହାପାତ୍ର କହିଛନ୍ତି। ଏଭଳି ତ୍ରୁଟିପୂର୍ଣ୍ଣ ରାସ୍ତା ଯୋଗୁ ଦୈନିକ ଦୁର୍ଘଟଣା ଘଟି ଲୋକେ ମୃତାହତ ହେଉଥିଲେ ହେଁ ପ୍ରଶାସନ ଦୃଷ୍ଟି ଦେଉନି।

### ଦୁର୍ଘଟଣାକୁ ନେଇ ସଦର ଥାନାରେ ଏତଲା

କେନ୍ଦୁଝର,୫।୧୧(ସ୍ୱ.ପ୍ର.): କେନ୍ଦୁଝର ଜିଲା ସଦର ଥାନା ଅନ୍ତର୍ଗତ ବଡ଼ପଣି ନିକଟରେ ହୋଇଥିବା ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୪ ଜଣଙ୍କ ମୃତ୍ୟୁ ହୋଇଥିଲା। ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ଓ ଠିକାଦାରଙ୍କ ଅବହେଳା, ଦାୟିତ୍ୱହୀନତା, ଖାମଖିଆଲ ମନୋଭାବ ଓ ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ଯୋଗୁ ଏଭଳି ଦୁର୍ଘଟଣା ଘଟିଥିବା ଅଭିଯୋଗ ହୋଇଛି। ଏଣୁ ଏନ୍‌ଏଚଏଆଇ ଓ ଠିକାଦାରଙ୍କୁ ଦାୟୀ କରି ସେମାନଙ୍କ ବିରୋଧରେ ମାମଲା ରୁଜୁ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଘସିପୁରା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ପ୍ରାର୍ଥୀ ଜଗବନ୍ଧୁ ମହାନ୍ତ କହିଛନ୍ତି। ଏ ନେଇ ସେ ଏସପି କେନ୍ଦୁଝର, ଏନ୍‌ଏଚ୍‌ଏଆଇ, ପୋଲିସ ମହାନିର୍ଦ୍ଦେଶକ, କେନ୍ଦ୍ର ରାସ୍ତା ଓ ପରିବହନ ସଚିବଙ୍କୁ ଚିଠି କରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏ ନେଇ ସଦର ଥାନା ଅଧିକାରୀ ସୁନୀଲ କର କହିଛନ୍ତି ଯେ, ତାଙ୍କ ପାଖରେ ଏତଲା ପହଞ୍ଚିବା ପରେ ମତାମତ ଦେଇପାରିବି ବୋଲି ସେ କହିଥିଲେ।



ଅଭିଯୋଗପତ୍ର ପ୍ରଦାନ କରୁଛନ୍ତି।

### ସରପଞ୍ଚଙ୍କୁ ମରଣାନ୍ତକ ଆକ୍ରମଣ

ବାଲିଆପାଳ, ୫।୧୧(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧୀନ ଦେଉଳା ପଞ୍ଚାୟତର ସରପଞ୍ଚ ସରୋଜ କୁମାର ପିଳାଙ୍କୁ ଶନିବାର ଜଣେ ଦୁର୍ବୃତ୍ତ ବାସୁଦେବପୁର ଛକରେ ମରଣାନ୍ତକ ଆକ୍ରମଣ କରିଛନ୍ତି।

ଦେଉଳା ପଞ୍ଚାୟତ ବାସୁଦେବପୁର ଗ୍ରାମରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ସୁଶାନ୍ତ ବାରିକ ନାମକ ବ୍ୟକ୍ତି ସମସ୍ତ କାର୍ଯ୍ୟକୁ ବିରୋଧ କରିଆସୁଛନ୍ତି। ସରପଞ୍ଚ ଏ ବିଷୟରେ ବାଲିଆପାଳ ବିଡ଼ିଓ ବିନୋଦ ଚନ୍ଦ୍ର ପଣ୍ଡାଙ୍କୁ ଅବଗତ କରାଇଥିଲେ। ବିଡ଼ିଓ ତୁରନ୍ତ ସୁଶାନ୍ତ ବାରିକଙ୍କ ନାମରେ ଥାନାରେ ଏତଲା ଦେବାକୁ କହିଥିଲେ। ସରପଞ୍ଚ ପିଳା ପ୍ରଥମେ ସୁଶାନ୍ତଙ୍କ ବାପାଙ୍କୁ ଏ ବିଷୟରେ ଜଣାଇଥିଲେ। ସୁଶାନ୍ତଙ୍କ ବାପା ଘଟଣା ବିଷୟରେ ସବୁ ବୁଝିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ ଶନିବାର ସକାଳେ ସରପଞ୍ଚ ପିଳା ଘରୁ ବାହାରି ଆସି ବାସୁଦେବପୁର ଛକ ନିକଟରେ ଛିଡ଼ା ହୋଇଥିବା ବେଳେ ହଠାତ୍ ସୁଶାନ୍ତ ବାରିକ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ସୁଶାନ୍ତଙ୍କୁ ଧରିବାକୁ ଯିବା ବେଳେ ସେ ସେଠାରୁ ଖସି ପଳାଇଯାଇଥିଲେ। ଗୁରୁତର ଆହତ ସରପଞ୍ଚଙ୍କୁ ସ୍ଥାନୀୟ ଲୋକମାନେ ସଙ୍ଗେ ସଙ୍ଗେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଯାଇଥିଲେ। ପରେ ବାଲିଆପାଳ ବିଡ଼ିଓ ବିନୋଦ ଚନ୍ଦ୍ର ପଣ୍ଡାଙ୍କୁ ଏ ବିଷୟରେ ଜଣାଇବା ପରେ ବିଡ଼ିଓ ସରପଞ୍ଚଙ୍କୁ ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ କରିବାକୁ କହିଥିଲେ। ପରେ ସରପଞ୍ଚ ପିଳା ସୁସ୍ଥ ହୋଇ ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ କରିବା ପରେ ବାଲିଆପାଳ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି।

## 'ବିଦ୍ୟାର୍ଥୀଙ୍କ ଅନ୍ତର୍ନିହିତ ଗୁଣ ବିକଶିତ କରେ ସୁରଭି'

ଭଣ୍ଡାରିପୋଖରୀ, ୫।୧୧ (ସ୍ୱ.ପ୍ର.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଆଖୁଆପଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୨ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷାଧିକାରୀ ଅଧିର କୁମାର ତରାଇ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ତହସିଲଦାର ସରୋଜକାନ୍ତ ନାୟକ ଏବଂ ସମ୍ମାନିତ ଅତିଥି ଭାବେ ବିଡିଓ ଦେବଦତ୍ତ ଦାସ, ମୁଖ୍ୟବକ୍ତା ଘଟଗାଁ ବ୍ଲକ ସହକାରୀ ଶିକ୍ଷାଧିକାରୀ ପୁରୁଷୋତ୍ତମ ଧଳ, ମଞ୍ଜୁଳା ନାୟକ, ନିମନ୍ତ୍ରିତ ଅତିଥି ସାମାଜିକ କର୍ମୀ ଶରତ ଚନ୍ଦ୍ର ଜେନା, ଶିକ୍ଷା ସଂଯୋଜକ ପୁଷ୍ପକ ଚନ୍ଦ୍ର ଭାରତୀ, ପ୍ରଧାନଶିକ୍ଷକ ଅଜୟ କୁମାର ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ସୁରଭି ବିଦ୍ୟାର୍ଥୀଙ୍କ ଅନ୍ତର୍ନିହିତ ଗୁଣ ବିକଶିତ କରିଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏବିଓ ଅକ୍ଷୟ କୁମାର ଜେନା ଉତ୍ସବର ଆଭିମୁଖ୍ୟ ପ୍ରଦାନ କରିଥିବା ବେଳେ ପ୍ରଧାନଶିକ୍ଷକ ଧନେଶ୍ୱର ସ୍ୱାଗତ ଭାଷଣ ଦେଇଥିଲେ। ସିଆର୍‌ସିସି କୈଳାସ ଚନ୍ଦ୍ର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ୧୭ କ୍ଲଷ୍ଟରରୁ ପ୍ରାୟ ୩୪୦ ବିଦ୍ୟାର୍ଥୀ ଉତ୍ସବରେ ଅଂଶଗ୍ରହଣ କରିଥିଲେ। ସିଆର୍‌ସିସି ରଞ୍ଜନ କୁମାର ମହାନ୍ତି, ବିକ୍ରମ ସୌରଭ ରାୟ, ଝୁନାରାଣୀ ସ୍ୱାଇଁ ଓ ଅଶୋକ ରାଉତଙ୍କ ସଂଯୋଜନାରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷା ସଂଯୋଜକ ଉମାକାନ୍ତ ସାହୁ, ମଧୁସୂଦନ ମହାପାତ୍ର, ଦିଲୀପ କୁମାର ଓଝା, ବିନୋଦ ରାଉତ, ଚକ୍ରଧର ଜେନା, ଭାଗବତ ରାଉତ, ସୁଧାକର ଧଳ, ପ୍ରଶାନ୍ତ କୁମାର ଜେନା, ଗୌରାଙ୍ଗ ନାଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଶିଶୁ ମହୋତ୍ସବରେ ଜଣେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

## ଜିଲାସ୍ତରୀୟ 'ମହକ': ୨୧ ପ୍ରତିଯୋଗୀ ରାଜ୍ୟସ୍ତରକୁ ମନୋନୀତ


ଛାତ୍ରୀମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

ବାରିପଦା ଅଫିସ,୫।୧୧

ମୟୂରଭଞ୍ଜ ଜିଲା ବାରିପଦା ମୁର୍ଗାବାଡିସ୍ଥିତ ପ୍ରୟାସ ସମ୍ମିଳନୀ କକ୍ଷରେ ଜିଲା ଶିଶୁ ସୁରକ୍ଷା ୟୁନିଟ, ମହିଳା ଓ ଶିଶୁ ବିକାଶ ବିଭାଗର ମିଳିତ ଆନୁକୂଲ୍ୟରେ ଶନିବାର ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ମହକ'-୨୦୨୨ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିନୀତ ଭରଦ୍ୱାଜ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଶିଶୁମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାର ବିକାଶ ହୋଇପାରିଲେ ରାଷ୍ଟ୍ର ଉନ୍ନତିରେ ସହାୟକ ହୋଇପାରିବ ବୋଲି ଜିଲାପାଳ ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ଶିକ୍ଷାଧିକାରୀ ନବ କିଶୋର ଗିରି, ଜିଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ, ପିଡି ଡିଆର୍‌ଡିଏ ଦୌଲତ ଚନ୍ଦ୍ରକାର, ସମାଜ ମଙ୍ଗଳ ଅଧିକାରିଣୀ କୁସମବାଳା ମିଶ୍ରଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

ଜିଲାର ବିଭିନ୍ନ ସ୍ଥାନରେ ଥିବା ୧୦ ଶିଶୁ ଯତ୍ନ ଅନୁଷ୍ଠାନର ୨ଶହ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲାପାଳ ରୁଦ୍ରନାରାୟଣ ମହାନ୍ତି, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ରାଧାକୃଷ୍ଣ ରାଉତ ଓ ଡେପୁଟୀ ସିଇଓ, ଓର୍‌ମାସ ବିମାନ ମଲ୍ଲ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ୨୧ ପ୍ରତିଯୋଗୀ ରାଜ୍ୟ ସ୍ତରକୁ ମନୋନୀତ ହୋଇଛନ୍ତି।

### କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗ ପକ୍ଷରୁ ଚଢ଼ାଉ

#### ପିକ୍‌ଅପ, ମଦ ଜବତ, ଜଣେ ଗିରଫ

ସୋର, ୫।୧୧

କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗ କଟକ ୟୁନିଟ-୨ତରଫରୁ ଶନିବାର ତୁରିଗଡ଼ିଆ ଛକ ନିକଟରେ ପାଟ୍ରୋଲିଂ କରାଯାଉଥିବା ବେଳେ ଏକ ପିକଅପ ଗାଡ଼ି ସହ ଦେଶୀମଦ ଜବତ କରାଯାଉଛି। ଏହି ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗର ଡେପୁଟି କମିଶନର ରଜତ ପ୍ରହରାଜଙ୍କ ନିର୍ଦ୍ଦେଶକ୍ରମେ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ପ୍ରତାପ ଚନ୍ଦ୍ର ଦାସଙ୍କ ତତ୍ତ୍ୱାବଧାନରେ ଆଇଆଇସି ସତ୍ୟଜିତ ଖଟୁଆଙ୍କ ନେତୃତ୍ୱରେ ଏକ ଟିମ୍ ଶନିବାର ସକାଳେ ଏହି ଛକ ନିକଟରେ ପାଟ୍ରୋଲିଂ କରୁଥିବା ବେଳେ ପିକଅପ ଗାଡି (ନଂ. ଓଆର୦୧କେ- ୫୭୫୫)ରେ ଖଇରାରୁ ସୋର ଅଭିମୁଖେ ୫୦୦ ଲିଟର ଦେଶୀମଦ ଚାଲାଣ ହେଉଥିବା ଜାଣିବାକୁ ପାଇଥିଲେ। ଫଳରେ ଅବକାରୀ ବିଭାଗର ଏହି ଟିମ୍ ଗାଡ଼ିକୁ ଯାଞ୍ଚ କରିବା ପରେ ଦେଶୀମଦ ସହ ଗାଡ଼ିକୁ ଜବତ କରି ଖଇରା ଥାନା ଅଡ଼ା ଗ୍ରାମର ଶୁଭଙ୍କର ଶିଅଳଙ୍କୁ ଗିରଫ କରିଥିଲା। ଶନିବାର ଅପରାହ୍ନରେ ଡାକ୍ତରୀମାଇନା ପରେ ତାଙ୍କୁ କୋର୍ଟଚାଲାଣ କରାଯାଇଛି। ଚଢ଼ାଉରେ ଏଏସ୍‌ଆଇ ଆଲୋକ ପ୍ରଧାନ, ରମେଶ ଚନ୍ଦ୍ର ବାରିକ ଓ କନଷ୍ଟେବଲ ରାଜେଶ କିଷାନ, ବସନ୍ତ ମଲ୍ଲିକ, ସୁରଜ ବାଇଗା ପ୍ରମୁଖ ସାମିଲ ହୋଇଥିଲେ।

## ଅତି ମାନସ ଜାଗରଣ ରଥକୁ ସ୍ୱାଗତ

ଚମ୍ପୁଆ/ଯୋଡ଼ା,୫।୧୧(ଡି.ଏନ୍.ଏ)

ଶ୍ରୀ ଅରବିନ୍ଦଙ୍କ ଅତି ମାନସ ଜାଗରଣ ରଥକୁ କେନ୍ଦୁଝର ଜିଲା ଚମ୍ପୁଆରେ ବିଭିନ୍ନ ବିଦ୍ୟାଳୟ ପକ୍ଷରୁ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ-ଶିକ୍ଷକମାନେ ସ୍ୱାଗତ କରିଥିଲେ। ପରେ ସ୍ୱାଧୀନତା ସଂଗ୍ରାମୀ ବିପ୍ଳବୀ ଯୁଗ ପୁରୁଷ ତଥା ଅତି ମାନସ ଚେତନା ଅବତାରୀ ପୁରୁଷ ଶ୍ରୀ ଅରବିନ୍ଦଙ୍କ ଜାଗରଣ ରଥ ଚମ୍ପୁଆ ପରିକ୍ରମା କରିଥିଲା। ରଥ ପୁରୀ ଜିଲା ପାଠଚକ୍ର ସମ୍ପାଦକ ସୁକାନ୍ତ ଜେନା, ଜିଲା ପାଠଚକ୍ର ସମ୍ପାଦକ ଶ୍ରୀକାନ୍ତ ସାହୁ ନିଉ ଲାଇଫ୍ ଟ୍ରଷ୍ଟର ସଦସ୍ୟ ପୂର୍ଣ୍ଣଚନ୍ଦ୍ର ମହାନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚମ୍ପୁଆରେ ପହଞ୍ଚିବା ପରେ ବିଭିନ୍ନ ବିଦ୍ୟାଳୟ ପକ୍ଷରୁ ପରିଚାଳନା କମିଟି ଦ୍ୱାରା ଉକ୍ତ ରଥକୁ ପୂଜାର୍ଚ୍ଚନା କରାଯାଇଥିଲା। ଚମ୍ପୁଆର ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବିଦ୍ୟାଳୟ ପରିଚାଳନା ସମ୍ପାଦିକା ତ୍ରିବେଣୀ ଗିରି, ଅଧାପକ ବିଶ୍ୱରଞ୍ଜନ ନନ୍ଦ ପରିଚାଳନା କରିଥିଲେ। କୁନି କୁନି ଛାତ୍ରୀଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।


ଜାଗରଣ ରଥକୁ ସ୍ୱାଗତ।

## ପ୍ରତିବାଦରେ ପୂର୍ବତନ ବିଧାୟକଙ୍କ ଧାରଣା

**ଆଦିବାସୀଙ୍କ ନାଁରେ ମିଥ୍ୟା କୃଷି ଋଣ**

ନୀଳଗିରି, ୫।୧୧(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ନୀଳଗିରି ଲ୍ୟାମ୍ପସରେ ଆଦିବାସୀଙ୍କ ନାଁରେ ମିଥ୍ୟା କୃଷି ଋଣ ଜାଲିଆତି କରାଯାଇଥିବା ଅଭିଯୋଗ ହୋଇଛି। ଉଚ୍ଚସ୍ତରୀୟ ତଦନ୍ତ ସହ ନ୍ୟାୟ ମିଳିବା ଓ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ନୀଳଗିରି ଏଆରସିଏସ୍‌ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ ଧାରଣା ଦେଇଛନ୍ତି।

ନୀଳଗିରି ଲ୍ୟାମ୍ପସ୍ ସଜନାଗଡ଼ ସୋସାଇଟି ଅଧୀନ ନୂଆସାହି, ଜାମୁଡ଼ିସାହି ଗ୍ରାମର ୧୨ରୁ ଊର୍ଦ୍ଧ୍ୱ ଆଦିବାସୀ ଋଣ ନ କରି ମଧ୍ୟ ଏମାନଙ୍କ ମୁଣ୍ଡରେ ଏବେ ହଜାର ହଜାର ଟଙ୍କାର ଋଣ। ଜଣେ ଦଲାଲ କିଛି ଲ୍ୟାମ୍ପସ, ସମବାୟ ସମିତିର ଅସାଧୁ କର୍ମଚାରୀଙ୍କ ସହଯୋଗରେ କାଳିଆ ଯୋଜନାରେ ଋଣ କରାଇଦେବାକୁ କହି ସେମାନଙ୍କଠାରୁ ଆଧାରକାର୍ଡ଼, ଫଟୋ ପରିଚୟପତ୍ର ମିଛ ଟିପ ଓ ଦସ୍ତଖତ କରି ନେଇ ସେମାନଙ୍କ ନାମରେ ଲକ୍ଷ ଲକ୍ଷ ଋଣ ଉଠାଇ ଆତ୍ମସାତ୍ କରାଯାଇଥିବା କିଛି ମାସ ପରେ ସେମାନଙ୍କ ନାମରେ ଚାଷ ଋଣ ହୋଇଥିବା ନେଇ ଆର୍‌ଟିଆଇ ତଥ୍ୟରୁ ଜାଣିବାକୁ ପାଇଥିଲେ। ଏହି ଲୋକମାନେ ଋଣ ବିଷୟରେ କିଛି ଜାଣି ନାହାନ୍ତି ଓ ସେମାନଙ୍କ ମଧ୍ୟରୁ କେତେଜଣ ଭୂମିହୀନ ହୋଇଥିଲେ ମଧ୍ୟ ତାଙ୍କ ନାମରେ ମିଛରେ ଲକ୍ଷ ଲକ୍ଷ ଟଙ୍କା ହଡପ ହୋଇଛି।



ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡଙ୍ଗୀଙ୍କ ନେତୃତ୍ୱରେ ଧାରଣା ଦିଆଯାଇଛି।

ବ୍ୟାପକ ଅନିୟମିତତା ଓ ଠକେଇ ଶିକାର ହୋଇଥିବା ଆଦିବାସୀ ଚାଷୀ ଭାଇମାନେ ଏ ସମ୍ପର୍କରେ ପୂର୍ବରୁ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ଉକ୍ତ ବିଭାଗ ପକ୍ଷରୁ ଘଟଣାର ତଦନ୍ତ କରି ନୀଳଗିରି କୋ-ଅପରେଟିଭ ବ୍ୟାଙ୍କର ଶାଖା ପରିଚାଳକ, ଆକାଉଣ୍ଟାଣ୍ଟ ଏବଂ ସଜନାଗଡ଼ ଲ୍ୟାମ୍ପସର ସମ୍ପାଦକଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଥିଲା। ମାତ୍ର ଆଦିବାସୀ ଲୋକଙ୍କ ମୁଣ୍ଡରେ ଜାଲିଆତି ହୋଇଥିବା ଋଣ ଭାର ବ୍ୟାଙ୍କ ଖାତାରୁ କଟି ନ ଥିଲା। ଶେଷରେ ଗରିବ ଚାଷୀମାନେ ପୂର୍ବତନ ବିଧାୟକ ଷଡ଼ଙ୍ଗୀଙ୍କୁ ଜଣାଇଥିଲେ। ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଶନିବାର ନୀଳଗିରି ଏଆର୍‌ସିଏସ୍‌ଙ୍କ ଅଫିସ ଆଗରେ ତିନୋଟି ବିଷୟ ନେଇ ଧାରଣା ଦେଇଥିଲେ। ଘଟଣାସ୍ଥଳରେ (ଏଆର୍‌ସିଏସ) ସହକାରୀ ନିବନ୍ଧକ, ନୀଳଗିରି ସମବାୟ ସମିତି ସମୂହ ଊର୍ମିଳା ଦାସ, ନୀଳଗିରି କୋ-ଅପରେଟିଭ୍ ବ୍ୟାଙ୍କର ଶାଖା ପରିଚାଳକ ଅରୁଣ କୁମାର ମାଇତି ପହଞ୍ଚି ଉକ୍ତ ବିଷୟକୁ ସ୍ୱୀକାର କରିବା ସହ ମିଥ୍ୟାରେ ଯେଉଁ ଚାଷୀଙ୍କ ଋଣ ନାମ ଖାତାରେ ଅଛି ସେହି ଲୋକମାନଙ୍କର ନାମ ଖାତାରୁ କଟାଯିବା ନେଇ ଜିଲା ସେକ୍ରେଟାରୀ ଏବଂ ବିଆରସିଏସଙ୍କୁ ଖୁବ୍‌ଶୀଘ୍ର ଏ ସମ୍ପର୍କରେ ଲିଖିତ ଭାବରେ ଜଣାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଗଣଧାରଣା ପ୍ରତ୍ୟାହୃତ ହୋଇଥିଲା।

